بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 39-40

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

29ସେପ୍ଟେମ୍ବର୍ -06 ଅକ୍ଟୋବର୍-2022 29 ତବୁକ୍ -06ଇଖା 1401 ହି.ଶ 03-10 ରବିଉଲ୍ ଅୱ୍ୱଲ୍ 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَرَحۡمَتِیۡ وَسِعَتۡ کُلَّ شَیۡءٍ ؕ فَسَاَکۡتُبُہَا لِلَّذِیۡنَ یَتَّقُوۡنَ وَیُؤۡتُوۡنَ الزَّکٰوۃَ وَالَّذِیۡنَ ہُمۡ بِاٰیٰتِنَا یُؤۡمِنُوۡنَ (الاعراف:157)

ଅନୁବାଦ-ଏବଂ ଆମ୍ଭର କରୁଣା ପ୍ରତ୍ୟେକ ବସ୍ତୁକୁ ବେଷ୍ଟିତ କରି ରଖିଛି; ସୁତରାଂ ଯେଉଁମାନେ ଧର୍ମପରାୟଣ ଅଟନ୍ତି ଓ ଜକାତ୍ ଦିଅନ୍ତି ,ଏବଂ ଯେଉଁମାନେ ଆମ୍ଭର ନିଦର୍ଶନଗୁଡ଼ିକ ଉପରେ ବିଶ୍ୱାସ କରନ୍ତି,ଆମ୍ଭେ ସେମାନଙ୍କ ପାଇଁ ତାହାକୁ (ଅର୍ଥାତ୍ ପୁଣ୍ୟକୁ)ନିଶ୍ଚୟ ଲିପିବଦ୍ଧ କରିବୁ ;

*(ସୁରଃ ଅଲ-ଆରାଫ୍ ୧୫୭)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

ଆଁ ହଜରତ୍ ସ ଆ ସଙ୍କୁ ଏ ସୁସମାଚାର ମିଳିଥିଲା ଯେ ଆପଣଙ୍କ ଉମ୍ମତ୍ (ସମ୍ପ୍ରଦାୟ) ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ଦୂତ ଭାବରେ ପ୍ରେରଣ କରାଯିବ । ଯିଏ କ୍ରୁଶ ଧର୍ମର ବାସ୍ତବିକତାକୁ ଖୋଲା ଖୋଲି ଭାବରେ ପ୍ରକାଶ କରିଦେବେ ଏବଂ ସଲିବ୍ (କ୍ରୁଶ)କୁ ଭାଙ୍ଗିଦେବେ,ଏହି ଅର୍ଥରେ ସେ ମରିୟମ ପୁତ୍ର ମସିହ୍ (ଖ୍ରୀଷ୍ଟ) ବୋଲାଇବେ,ଏବଂ ସେ ଆଭ୍ୟନ୍ତରୀଣ ବିଭାଜନ ତଥା ବିଭ୍ରାନ୍ତିକୁ ଦୂର କରି ପ୍ରକୃତ ମାର୍ଗଦର୍ଶନରେ ମୁସଲମାନମାନଙ୍କୁ ପ୍ରତିଷ୍ଠା କରାଇବେ । ସେଇଥି ପାଇଁ ତାଙ୍କୁ ମେହେଦୀ କୁହାଯିବ ।

## ହଜରତ ମସିହ୍ ମଉଦଆ.ସଙ୍କ ନୀତି ବାଣୀ

ଆଁହଜରତ୍ ସ ଆ ସ ଶେଷ ଯୁଗ ସମ୍ବନ୍ଧରେ ଏ ସୂଚନା(ଖବର) ଦେଇଥିଲେ ଯେ ସେହି ସମୟରେ ଦୁଇ ପ୍ରକାରର ଫିତ୍‌ନା (ବିଭ୍ରାନ୍ତି/ବିଭ୍ରାଟ) ଦେଖାଦେବ । ଗୋଟିଏ ଆଭ୍ୟନ୍ତରୀଣ ,ଅନ୍ୟଟି ବାହ୍ୟ । ଆଭ୍ୟନ୍ତରୀଣ ଫିତ୍‌ନା ଏହା କି ମୁସଲମାନମାନେ ପ୍ରକୃତ ହିଦାୟତ୍ (ମାର୍ଗଦର୍ଶନ) ଉପରେ ପ୍ରତିଷ୍ଠିତ ରହିବେ ନାହିଁ । ସେମାନେ ସଇତାନର ମନ୍ଦ ପ୍ରଭାବରେ ପ୍ରଭାବିତ ହୋଇ ତା ଫାନ୍ଦରେ ପଡ଼ିଯିବେ । ଜୁଆ,ବ୍ୟଭିଚାର,ମଦ୍ୟପାନ ଓ ପ୍ରତ୍ୟେକ ପ୍ରକାରର ଅଶ୍ଳୀଳ କାର୍ଯ୍ୟରେ ଲିପ୍ତ ହୋଇ ଅଲ୍ଲାଃଙ୍କ ସୀମାରେଖାରୁ ବାହାରିଯିବେ,ଏବଂ ଅଲ୍ଲାଃତାଲାଙ୍କ ଦ୍ୱାରା ବାରଣ କରାଯାଇଥିବା ଜିନିଷ ପ୍ରତି ଧ୍ୟାନ ଦେବେ ନାହିଁ । ନମାଜ ଓ ରୋଜାକୁ ପରିତ୍ୟାଗ କରିବେ, ଅଲ୍ଲାଃଙ୍କ ବଚନକୁ ଅସମ୍ମାନ କରାଯିବ ଏବଂ ପବିତ୍ର କୁରଆନର ଆଦେଶଗୁଡ଼ିକୁ ଉପହାସ କରାଯାଉଥିବ । ବାହ୍ୟ ଫିତ୍‌ନା ଏହା ହେବ ଯେ ଆଁହଜରତ୍ ସ ଆ ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ମିଥ୍ୟାରୋପ ତଥା ଲାଂଛନା ଲଗାଯାଉଥିବ,ଏବଂ ସମସ୍ତ ପ୍ରକାରର ହୃଦୟ ବିଦାରକ ଆକ୍ରମଣ କରାଯାଇ ଇସଲାମକୁ ଅପମାନିତ କରାଯିବା ସହିତ ତାହାର ବିନାଶ କରାଯିବା ପାଇଁ ଚେଷ୍ଟା କରାଯିବ । ମସିହ୍ (ଖ୍ରୀଷ୍ଟ)ଙ୍କ ଈଶ୍ୱରୀୟତାକୁ ମନାଇବା ପାଇଁ ଏବଂ ତାଙ୍କ ଅଭିଶପ୍ତ କ୍ରୁଶୀୟ ଆସ୍ଥାଥ ଉପରେ ବିଶ୍ୱାସ ଆଣିବା ପାଇଁ ସମସ୍ତ ପ୍ରକାର କୌଶଳ ଏବଂ ଯୋଜନା କାର୍ଯ୍ୟକାରୀ କରାଯିବ । ଅତଃ ଏହି ଦୁଇଟି ବଡ଼ ବଡ଼ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଫିତ୍‌ନା ବିଷୟରେ ସୂଚନା ଦେବା ବେଳେ ଆଁ ହଜରତ୍ ସ ଆ ସଙ୍କୁ ଏ ସୁସମାଚାର ମିଳିଥିଲା ଯେ ଆପଣଙ୍କ ଉମ୍ମତ୍ (ସମ୍ପ୍ରଦାୟ) ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ଦୂତ ଭାବରେ ପ୍ରେରଣ କରାଯିବ । ଯିଏ କ୍ରୁଶ ଧର୍ମର ବାସ୍ତବିକତାକୁ ଖୋଲା ଖୋଲି ଭାବରେ ପ୍ରକାଶ କରିଦେବେ ଏବଂ ସଲିବ୍ (କ୍ରୁଶ)କୁ ଭାଙ୍ଗିଦେବେ,ଏହି ଅର୍ଥରେ ସେ ମରିୟମ ପୁତ୍ର ମସିହ୍ (ଖ୍ରୀଷ୍ଟ) ବୋଲାଇବେ,ଏବଂ ସେ ଆଭ୍ୟନ୍ତରୀଣ ବିଭାଜନ ତଥା ବିଭ୍ରାନ୍ତିକୁ ଦୂର କରି ପ୍ରକୃତ ମାର୍ଗଦର୍ଶନରେ ମୁସଲମାନମାନଙ୍କୁ ପ୍ରତିଷ୍ଠା କରାଇବେ । ସେଇଥି ପାଇଁ ତାଙ୍କୁ ମେହେଦୀ କୁହାଯିବ । ***ୱ ଆଖରୀନା ମିନହୁମ୍*** ରେ ମଧ୍ୟ ଏହି ସୁସମାଚାର ବିଷୟରେ ଇସାରା ରହିଛି । ଯେବେକି ଉପରୋକ୍ତ ଦୁଇଟିଯାକ ଫିତନାର ମୂଳଦୁଆ ଦୁଇଟି ମନ୍ଦ ଜିନିଷ ଉପରେ ଆଧାରିତ ହେବ । ଗୋଟିଏ ଦଳର ନାମ ଦଜ୍ଜାଲ୍ ଏବଂ ଅନ୍ୟଟି ୟାଜୁଜ୍ ବୋଲାଇବ

***(ମଲଫୁଜାତ୍,ଖ-୦୧,ପୃ-୪୦୧, ମୁଦ୍ରିତ କାଦିଆନ୍ ୨୦୧୮)***

ଅଲ୍ଲାଃତାଲା ଯେଉଁ ଜିନିଷଗୁଡ଼ିକୁ ହଲାଲ୍ (ବୈଧ)କରିଛନ୍ତି,ଆମେ ସେହିଗୁଡ଼ିକୁ ହଲାଲ୍ କହିପାରିବା ଏବଂ ଯେଉଁଗୁଡ଼ିକୁ ହରାମ(ଅବୈଧ)ବୋଲି କହିଛନ୍ତି,ଅମେ ତାକୁ ହରାମ୍ କହିପାରିବା । ବାକି ମଧ୍ୟବର୍ତୀ ଜିନିଷଗୁଡ଼ିକ ହଲାଲ୍ ଓ ହରାମ୍ ଅଧିନରେ ରହିବେ । ବାକି ଜିନିଷଗୁଡ଼ିକ ମଧ୍ୟରେ ଯେଉଁସମସ୍ତ ପବିତ୍ର ଜିନିଷଗୁଡ଼ିକ ଅଛନ୍ତି,ତାହା ହେଉଛନ୍ତି ହଲାଲ୍ ଏବଂ ଯାହା ପବିତ୍ର ନୁହନ୍ତି,ତାହା ହଲାଲ୍ ନୁହେଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ସମସ୍ତ ହଲାଲ୍ ଜିନିଷ ପବିତ୍ର ନୁହନ୍ତି । କେବଳ ସେହି ସବୁ ଜିନିଷକୁ ଖାଇବା ଉଚିତ ହେବ ଯାହା ପବିତ୍ର ଅଟେ ,ବାକି ଜିନିଷଗୁଡ଼ିକୁ ଖାଇବା ଉଚିତ ନୁହେଁ ।

ସୟଦନା ହଜରତ୍ ମୁସଲେହ୍ ମଉଦ୍ ର ଅ ସୁରଃ ଅଲ-ନହଲ୍ ଆୟତ ନଂ- ୧ ୧ ୬ ଇନ୍ନମା ହର୍‌ରମା ଆଲୈକୁମୁଲ୍ ମୈତତା .........ଫଇନ୍ନଲ୍ଲାହା ଗଫୁରୁର୍ ରହିମ୍ । (ଅନୁବାଦ:ସେ ତୁମମାନଙ୍କ ସକାଶେ କେବଳ ମୃତଜୀବ,ରକ୍ତ ଓ ଶୂକର ମାଂସ ତଥା ଯେଉଁ (ପ୍ରତ୍ୟେକ)ବସ୍ତୁ ଉପରେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟର ନାମ ଉଚ୍ଚାରିତ ହୋଇଥାଏ ତାହାକୁ ଅବୈଧ କରିଛନ୍ତି ; କିନ୍ତୁ ଯେଉଁ ବ୍ୟକ୍ତି କାମନାର ବଶବର୍ତୀ ନ ହୋଇ କି ସୀମା ଉଲଂଘନ ନକରି (ଏଥି ମଧ୍ୟରୁ କୌଣସିଟିକୁ) ଖାଇବାକୁ ବାଧ୍ୟ ହୁଏ,ତେବେ (ମନେରଖ)ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ (ଓ)ସଦା କରୁଣାମୟ] ର ବ୍ୟାଖ୍ୟା କରି କହିଛନ୍ତି : ଏହି ଆୟତ ପ୍ରସଙ୍ଗରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଯେ ଏଥିରେ ଚାରୋଟି ଜିନିଷକୁ ଅବୈଧ କରାଯଇଅଛି । କ'ଣ ଏହି ଚାରୋଟି ଜିନିଷ ହରାମ୍ ଆଉ ଏତତଭିନ୍ନ ବାକି ଜିନିଷଗୁଡ଼ିକ ନୁହନ୍ତି ?

ଯେଉଁମାନେ ଏକଥା କହୁଛନ୍ତି ଯେ ଏହି ଜିନିଷଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ଜିନିଷ ହରାମ୍ ନୁହନ୍ତି,ମୋ ମତରେ ସେମାନଙ୍କର କଥା ଠିକ୍ । କାରଣ ଏହା ବ୍ୟତୀତ ଅନ୍ୟ କୌଣସି ଅର୍ଥ ହୋଇ ପାରିବ ନାହିଁ । ଏହି କଥା ଉପରେ ଯେଉଁ ଲୋକମାନଙ୍କର ବିଶ୍ୱାସ ରହିଛି, ସେମାନଙ୍କ ମଧ୍ୟରେ ଇବନେ ଅବ୍‌ବାସ୍ ର ଅ ଅଛନ୍ତି । ତାଙ୍କ ସମ୍ବନ୍ଧରେ ବୁଖାରୀରେ ଜାବିର୍ ବିନ୍ ଅବ୍ଦୁଲ୍ଲାଃଙ୍କଠାରୁ ଗୋଟିଏ ରିୱାୟତ୍ ବର୍ଣ୍ଣିତ ଅଛି ଯେ ତାଙ୍କାର ଏହି ବିଶ୍ୱାସ ଥିଲା ଯେ ଏହି ଚାରୋଟି ଜିନିଷକୁ ହରାମ ବୋଲି ବିବେଚନା କର, ଯାହା ଏହି ଆୟତରେ ଉଲ୍ଲେଖ କରାଯାଇଅଛି ।

***(ସହି ବୁଖାରୀ,ଖ-୦୩, ରୁହୁଲ୍ ମାଆନୀ,ଖ-୦୮)***

ଅବୁ ଦାଉଦ୍‌ରେ ରିୱାୟତ ଆସିଛି ଯେ ଇବନେ ଉମର୍ ର ଅଙ୍କର ମଧ୍ୟ ଏହି ସମାନ ବିଶ୍ୱାସ ଥିଲା । ସେଥିରେ ଉଲ୍ଲେଖ ରହିଛି ଯେ ***ଅନ୍ନହୁ ସୁଇଲା ଅନ୍ ଉକ୍‌ଲିଲ୍ କନଫୁଜି ଫତଲା କୁଲ୍ ଲା ଅଜିଦୁ ଫି ମା ଉହିୟା ଇଲୈୟା ଅଲଆୟାଃ***

***(ସୁନନେ ଅବୁଦାଉଦ୍ ,ଭାଗ-୦୩,କିତାବୁଲ୍ ଅତଅମାଃ)***

ହଜରତ୍ ଆଇଶା ର ଅଙ୍କଠାରୁ ମଧ୍ୟ ଇବନେ ଅବି ହାତିମ୍ ଏବଂ ଅନ୍ୟ କେତେକ ଲୋକେ ପ୍ରାମାଣିକ ବର୍ଣ୍ଣନା କରିଛନ୍ତି ଯେ ***ଇନ୍ନହା***

## ନବୀ ସ:ଆ:ସଙ୍କ ବାଣୀ

(୨୧୫୧) ହଜରତ୍ ଅବୁ ହୁରୈରାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ ଆ ସ କହିଲେ :ଯିଏ ଏମିତି ଗୋଟିଏ ଛେଳି କିଣିଛି,ଯାହାର ଖିରକୁ ତା ଥନ ମଧ୍ୟରେ ରୋକି ରଖାଯାଇଥିବ ପୁଣି ସେ ତାକୁ ଦୁହିଁବ,ଯଦି ସେ ତାକୁ ପସନ୍ଦ କରେ ତାହେଲେ ତାକୁ ରଖିଦେଉ ଏବଂ ଯଦି ସେ ତାକୁ ନାପସନ୍ଦ କରେ,ତାହେଲେ ତା ଖିର ବଦଳରେ ତାକୁ ଗୋଟିଏ ସାଆ ଖଜୁରୀ ଦେବାକୁ ପଡ଼ିବ ।

(୨୧୫୭) ଇସମାଇଲ୍ କୈସ୍ (ବିନ୍ ଅବି ହାଜିମ୍)ଙ୍କଠାରୁ ବର୍ଣ୍ଣିତ ଅଛି ଯେ (ସେ କହିଲେ)ମୁଁ ହଜରତ୍ ଜରିର୍ ର ଅଙ୍କଠାରୁ ଶୁଣିଛି ଯେ ସେ କହୁଥିଲେ:ମୁଁ ରସୁଲୁଲ୍ଲାଃ ସ ଅ ସଙ୍କ ନିକଟରେ ଏହି ପ୍ରତିଶୃତି ଦେଇ ବୟତ କରିଛି ଯେ ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ଉପାସନାର ଅଧିକାରୀ ନାହାନ୍ତି ଏବଂ ମୁହମ୍ମଦ୍ ହେଉଛନ୍ତି ତାହାଙ୍କ ରସୁଲ୍(ପ୍ରେରିତ ଦୂତ)ଏବଂ ନମାଜକୁ ସଠିକ ଭାବରେ ପାଠ କରିବି,ଜକାତ ଦେବି,ଏବଂ (ରସୁଲୁଲ୍ଲାଃଙ୍କ ସମସ୍ତ ଆଦେଶାବଳୀର) ପାଳନ କରିବି ।

(୨୨୧୬)ହଜରତ୍ ଅବ୍ଦୁର ରହମାନ୍ ବିନ୍ ଅବୁ ବକର୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆମେମାନେ ନବି କରିମ୍ ସ ଆ ସଙ୍କ ସାଥିରେ ଥିଲୁଁ । ଏହି ସମୟରେ ଜଣେ ମୁସରିକ (ଅନେକେଶ୍ୱରବାଦୀ) ,ଯାହାର କେଶ ନୁଖୁରା,ଶରୀର ଲମ୍ବା ଥିଲା,ସେ ନିଜ ଛେଳିଗୁଡ଼ିକୁ ଚରାଇ ଆସୁଥିଲା । ନବି କରିମ୍ ସ ଆ ସ କହିଲେ:ଏହାକୁ ବିକ୍ରି କରିବ ବା ଭେଟିଦେବ ? (ରାୱି କହିଲେ ଯେ ନବି ସ ଆ ସ)ଅତିୟା ବା ହିବାଃ ଶବ୍ଦ ବ୍ୟବହାର କରିଥିଲେ । ସେହି ଲୋକ ଜଣକ କହିଲା ; ନା ,ବରଂ ମୁଁ ଏହାକୁ ବିକ୍ରି କରିବି । ମହାଭାଗ ସ ଆ ସ ତାଠାରୁ ଗୋଟିଏ ଛେଳି କିଣିଲେ ।

*(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)* ।

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

***କାନତ୍ ଇଜା ସୁଇଲତ୍ ଅନ ଅକ୍‌ଲି କୁଲ୍ଲି ଜି ନାବିନ୍ ମିନସ୍ ସିବାଇ ୱ୍ ମୁଖଲବିନ୍ ମିନତ୍ ତୈରି କାଲତ୍ କୁଲ୍ ଲା ଅଜିଦୁ ଫି ମା ଉହିୟା ଇଲୈୟା ଅଲଆୟାଃ । (ରୁହୁଲ୍ ମୁଆନୀ ,ଖ-୦୮)***

ସେହିପରି ଇବନେ ଅବି ହାତିମ୍ ଇବନେ ଅବ୍‌ବାସ୍ ର ଅଙ୍କଠାରୁ ମଧ୍ୟ ରିଓ୍ୱାୟତ କରିଛନ୍ତି ଯେ ***କାଲା ଲୈସା ମିନଦ୍ ଦଓ୍ୱାବି ଶୈଉନ୍ ହରାମୁନ୍ ଇଲ୍ଲା ମା ହର୍‌ରମଲ୍ଲାହୁ ତାଆଲା ଫି କିତାବିହି କୁଲ୍ ଲା ଅଜିଦୁ*** । ଇମାମ୍ ମାଲିକ୍ ର ଅଙ୍କର ବି ଏହି ବିଶ୍ୱାସ ଥିଲା ।***(ରୁହୁଲ୍ ମୁଆନୀ,ଖ-୦୮ ଜେରେ ଆୟତ ସୁରଃ ଅନଆମ୍)***

ଏବେ ପ୍ରଶ୍ନ ଉଠୁଛି ଯେ କ'ଣ ବାକି ସବୁ ଜିନିଷକୁ ଖାଇବା ଅନୁମୋଦିତ କି ? କେତେକ ଇମାମଙ୍କ ଧର୍ମ ହେଉଛି ଏହା ଯେ ଏହା ବ୍ୟତୀତ ଅନ୍ୟ ସମସ୍ତ ଜିନିଷ ଖାଇବା ପାଇଁ ଅନୁମତି ଅଛି । କିନ୍ତୁ ମୋ ମତରେ କିଛି ଜିନିଷକୁ ଖାଇବା ଅନୁଚିତ । କିନ୍ତୁ ଆମେ ସେଗୁଡ଼ିକୁ ଶରିୟତର ଅର୍ଥରେ ହରାମ ବୋଲି କହି ପାରିବା ନାହିଁ । ସୁତରାଂ ଇବନେ ମାଜାଃରେ ସଲମାନ୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଛନ୍ତି :***ଅଲ୍‌ହାଲାଲୁ ମା ଅହଲ୍ଲଲ୍ଲାହୁ ଫି କିତାବିହି ୱ୍‌ଲ୍ ହରାମୁ ମା ହର୍‌ରମଲ୍ଲାହୁ ଫି କିତାବିହି । (ଇବନେ କସିର୍,ଖ-୦୧,ଜେରେ ଆୟତ୍ ସୁରଃ ବକରାଃ)***

ଏଥିରୁ ମୁଁ ଏ ସିଦ୍ଧାନ୍ତରେ ପହଂଚିଛି ଯେ ଅଲ୍ଲାଃତାଲା ଯେଉଁ ଜିନିଷଗୁଡ଼ିକୁ ହଲାଲ୍ (ବୈଧ)କରିଛନ୍ତି,ଆମେ ସେହିଗୁଡ଼ିକୁ ହଲାଲ୍ କହିପାରିବା ଏବଂ ଯେଉଁଗୁଡ଼ିକୁ ହରାମ(ଅବୈଧ)ବୋଲି କହିଛନ୍ତି,ଅମେ ତାକୁ ହରାମ୍ କହିପାରିବା । ବାକି ମଧ୍ୟବର୍ତୀ ଜିନିଷଗୁଡ଼ିକ ହଲାଲ୍ ଓ ହରାମ୍ ଆଦେଶ ଅନ୍ତର୍ଗତ ରହିବେ ।....ସୁରଃ ମାଏଦାଃରେ ମଧ୍ୟ ଏହି ସମାନ କଥା ପ୍ରତି ଧ୍ୟାନ ଦିଆଯାଇଅଛି । ସେଠାରେ କୁହାଯାଇଛି ଯେ ***ଉହିଲ୍ଲତ୍ ଲକୁମ୍ ବହିମତୁଲ୍ ଅନ୍‌ଆମ୍ ଇଲ୍ଲା ମା ୟୁତଲା ଆଲୈକୁମ୍*** ଅର୍ଥାତ୍ ଚତୁଃସ୍ୱଦ ପ୍ରାଣୀମାନଙ୍କ ମଧ୍ୟରୁ ତୁମମାନଙ୍କ ନିମନ୍ତେ ଅନଆମ୍ ଗୁଣ ବିଶିଷ୍ଟ ପଶୁମାନେ ହଲାଲ୍ ଅଟନ୍ତି । କେବଳ ସେମାନଙ୍କ ବ୍ୟତୀତ ଯାହାଙ୍କ ଚର୍ଚ୍ଚା ହରାମ ହୋଇଥିବା ଜିନିଷ ମଧ୍ୟରେ ଉଲ୍ଲେଖ କରାଯାଇଅଛି । ଅନଆମ୍ ଶବ୍ଦର ଅନେକ ପ୍ରକାର ରହିଛି । ଓଟ,ଛେଳି,ମେଣ୍ଢା,ଦୁମ୍ବା ଏବଂ ଗାଇ ଏହାସବୁ ହଲାଲ୍ ମଧ୍ୟରେ ରହିଛନ୍ତି । ତା ପରେ କହିଲେ ଯେ ***ହୁର୍‌ରିମତ୍ ଆଲୈକୁମୁଲ୍ ମୈତତୁ ୱ୍‌ଦ୍ ଦମୁ ୱ୍ ଲହମୁଲ୍ ଖିନଜିର୍ ୱ୍ ମା ଉହିଲ୍ଲା ଲିଗୈରିଲ୍ଲାହି ବିହି*** ଅର୍ଥାତ୍ ଏହି ହଲାଲ୍ ଜିନିଷ ତୁଳନାରେ କିଛି ହରାମ ମଧ୍ୟ ଅଛନ୍ତି । ପ୍ରଥମତଃ ମୃତ ପ୍ରାଣୀ,ତାହା ହଲାଲ୍ ପଶୁ ହୋଇଥାଉ ପଛକେ । ଦ୍ୱିତୀୟତଃ ରକ୍ତ, ତାହା ହଲାଲ୍ ପଶୁର ହୋଇଥାଉ ପଛକେ । ତୃତୀୟତଃ ଖିନଜିର୍ (ଶୂକର)ମାଂସ । ଚତୁର୍ଥଟି ହେଉଛି ଏପରି ଜିନିଷ ଯେଉଁଥିରେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କୌଣସି ଠାକୁରଙ୍କ ନାମ ନିଆଯାଇଥିବ ,ସେହି ପଶୁ ହଲାଲ୍ ହୋଇଥାଉ ନା କାହିଁକି । ତାପରେ ମୃତ ପ୍ରାଣି ଏବଂ ରକ୍ତ ବିଷୟରେ ଆହୁରି ଅଧିକା ବ୍ୟାଖ୍ୟା କାରାଯାଇଅଛି । ପୁଣି କହିଛନ୍ତି ଯେ ***ନତିହାଃ -ମୌକୁଜାଃ*** ଇତ୍ୟାଦି ହରାମ ଅଟନ୍ତି । ଏହା କୌଣସି ନୂଆ ଅବୈଧ ଜିନିଷ ନୁହନ୍ତି ବରଂ ମୈତାଃ ଏବଂ ଦମୁର ବ୍ୟାଖ୍ୟା । ଏସବୁ କିଛି ବର୍ଣ୍ଣନା କରି ପୁଣି ଅଲ୍ଲାଃତାଲା କହିଛନ୍ତି ଯେ ***ୟସଅଲୁନକା ମାଜା ଉହିଲ୍ଲା ଲହୁମ୍*** ଅର୍ଥାତ୍ ମୁସଲମାନମାନେ ପଚାରୁଛନ୍ତି ଯେ ସେମାନଙ୍କ ପାଇଁ କେଉଁ ସବୁ ଜିନିଷଗୁଡ଼ିକ ହଲାଲ୍ କରାଯାଇଅଛି ? ଏବେ ଯଦି ***ଇନ୍ନମା ହର୍‌ରମା ଆଲୈକୁମ୍*** ର ଅର୍ଥ ଏହା ହୋଇଥାନ୍ତା ଯେ ସେମାନଙ୍କ ବ୍ୟତୀତ ବାକି ସବୁ ଜିନିଷଗୁଡ଼ିକୁ ଖାଇବା ଅନୁମତି ରହିଛି,ତାହେଲେ ଯେତେବେଳେ ପବିତ୍ର କୁରଆନ୍ ସେହି ଚାରୋଟି ଜିନିଷକୁ ଏହି ପ୍ରଶ୍ନ ପୂର୍ବରୁ ହରାମ୍ ବୋଲି ବର୍ଣ୍ଣନା କରିଦେବା ପରେ ପୁଣି ଏହି ପ୍ରଶ୍ନକୁ କାହିଁକି ଉପସ୍ଥାପନ କରିଥାନ୍ତା ? ହଲାଲ୍ ଏବଂ ହରାମ୍ ଜିନିଷଗୁଡ଼ିକୁ ବର୍ଣ୍ଣନା କରିବା ପରେ ଏହି ପ୍ରଶ୍ନ ଉପସ୍ଥାପନ କରିବା, ଏବଂ ଏହାର ଉତର ଦେବା,ଏହା ଦର୍ଶାଉଛି ଯେ ପ୍ରଥମ ହଲାଲ୍ ଜିନିଷଗୁଡ଼ିକର ବ୍ୟାଖ୍ୟାରେ କିଛି ସଂଶୟ ଏବେ ବାକି ଥିଲା,ଯାହା ବିଷୟରେ ସାହାବାମାନେ ପ୍ରଶ୍ନ ପଚାରିଥିଲେ,ଏବଂ ଅଲ୍ଲାଃତାଲା ମଧ୍ୟ ସେମାନଙ୍କ ପ୍ରଶ୍ନର ଏ ଉତର ଦେଇନାହାନ୍ତି ଯେ ଏବେ ତ ଆମେ ବତାଇସାରିଛୁ ,ପୁଣି କାହିଁକି ପଚାରୁଛ ବରଂ ***କୁଲ୍ ଉହିଲ୍ଲା ଲକୁମୁଲ୍ ତୈୟେବାତୁ*** କହିଲେ ଅର୍ଥାତ ବାକି ଜିନିଷଗୁଡ଼ିକ ମଧ୍ୟରେ ଯେଉଁସମସ୍ତ ପବିତ୍ର ଜିନିଷଗୁଡ଼ିକ ଅଛନ୍ତି,ତାହା ହେଉଛନ୍ତି ହଲାଲ୍ ଏବଂ ଯାହା ପବିତ୍ର ନୁହନ୍ତି,ତାହା ହଲାଲ୍ ନୁହେଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ସମସ୍ତ ହଲାଲ୍ ଜିନିଷ ପବିତ୍ର ନୁହନ୍ତି । କେବଳ ସେହି ସବୁ ଜିନିଷକୁ ଖାଇବା ଉଚିତ ହେବ ଯାହା ପବିତ୍ର ଅଟେ,ବାକି ଜିନିଷଗୁଡ଼ିକୁ ଖାଇବା ଉଚିତ ନୁହେଁ । କିନ୍ତୁ ଏହାର ନାମ ହରାମ୍ ରଖାଯାଇପାରିବ ନାହିଁ । ରସୁଲେ କରିମ୍ ସ ଆ ସ ମଧ୍ୟ ଏହି ସମାନ କଥାକୁ ବର୍ଣ୍ଣନା କରିଛନ୍ତି । ଗୋଟିଏ ହଦିସରେ ଆସିଛି ଯେ ***ଇନ୍ନଲ୍ ହଲାଲା ବୈୟେନୁନ୍ ୱ୍‌ଲ୍ ହରାମା ବୈୟେନୁନ୍ ୱ୍ ବୈନହୁମା ଉମୁରୁନ୍ ମୁଶତବିହାତୁନ୍ ଲା ୟାଲମୁହା କସିରୁନ୍ ମିନନ୍ ନାସି (ବୁଖାରୀ ଖ-୦୨ କିତାବୁଲ୍ ବୁୟୁ ବାବ୍-ହଲାଲ ବୟନାଃ ୱ୍‌ଲ୍ ହରାମୁ ବୟନାଃ)*** ଅର୍ଥାତ ହଲାଲ୍ ଏବଂ ହରାମ୍ ଉଭୟ ଖୋଲା ଖୋଲି ଭାବରେ ବର୍ଣ୍ଣନା କରାଯାଇଅଛି । ପୁଣି ଏହି ଦୁଇଟି ମଧ୍ୟରେ କିଛିଟା ସଂଶୟ ବି ରହିଛି,ଯାହା ବିଷୟରେ ଅଧିକାଂଶ ଲୋକେ ଜାଣନ୍ତି ନାହିଁ । ତେଣୁ ସେ ବିଷୟରେ ଆନୁମାନିକ ଜ୍ଞାନଭିତିକ,ଚିକିତ୍ସା ଜ୍ଞାନ ଅନୁସାରେ ତଥା ଅଭିଜ୍ଞତା ଇତ୍ୟାଦି ଆଧାରରେ ନିଷ୍ପତି ନିଆଯିବ ।

***(ତଫସୀର୍ କବୀର୍ ଖ-୦୪, ପୃ-୨୬୦,ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା ୧୦ ର ଅବଶିଷ୍ଟାଂଶ ......*

ତାର ଇସଲାମକୁ ଗ୍ରହଣ କରିନେଲେ ପୁଣି ତା ପରିବାର(ପତ୍ନୀ)କୁ ତାକୁ ଦେଇଦେଲେ । ପୁଣି ତାକୁ କହିଲେ ଯେ ଏବେ ତୁମେ ଯାଅ ଏବଂ ମତେ ତୁମ ସଂକ୍ରାନ୍ତରେ ଭଲ ଖବର ପହଂଚୁ । ଏହିପରି ଭାବରେ ହଜରତ୍ ଅବୁ ବକର୍ ର ଅ ସମସ୍ତ କଏଦିଙ୍କୁ ମୁକ୍ତ କରିଦେଇଥିଲେ ଏବଂ ସେମାନେ ସମସ୍ତେ ନିଜ ନିଜର ଇଲାକାକୁ ଚାଲିଗଲେ **(ତାରିଖେ ତିବରୀ ଖ-୦୨ ପୃ-୩୦୦-୩୦୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)(ହଜରତ୍ ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୪୦-୨୪୧ ବୁକ୍ କର୍ଣ୍ଣର ଶୋ ରୁମ୍ ଝେଲମ୍)(ଜମହୁରାଃ ଅନସାବୁଲ୍ ଅରବ୍ ,ପୃ-୪୨୫, ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୭)(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୫୩୭-୫୩୮ ଅଲଫୁରକାନ୍ ଷ୍ଟ୍ରିଟ୍ ଖାନ୍ ଗଡ଼)(ମୁଅଜମୁଲ୍ ବୁଲଦାନ୍ ,ଖ-୦୧,ପୃ-୧୦୯)(ମୁଅଜମୁଲ୍ ବୁଲଦାନ୍ ,ଖ-୦୫,ପୃ-୩୧୫)(ମସନଦ୍ ଅହମଦ୍ ବିନ୍ ହମ୍ବଲ୍ ମସନଦ୍ ଅମରୋ ବିନ୍ ଅବସାଃ, ଖ-୦୬, ପୃ-୫୭୫-୫୭୬ ରିଓ୍ୱାୟତ୍ ନମ୍ବର୍ ୧୯୬୭୫ ଆଲିମୁଲ୍ କୁତୁବ୍ ୧୯୯୮)(ତବକାତୁଲ୍ କୁବରାଃ ଲେ ଇବନେ ସାଆଦ୍ ,ଖ-୦୫,ପୃ-୮-୯ , ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୯୯୦)**

ଆଉ ଏକ ରିଓ୍ୱାୟତ ମୁତାବକ ନିଜ କୌମ୍ ସହିତ ବିଶ୍ୱାସଘାତକତା ହେତୁ ଅଶଅତ୍ ନିଜ କବିଲାକୁ ଫେରିବା ପାଇଁ ସାହାସ କରିପାରିନଥିଲେ ଏବଂ କିନ୍ଦୀରୁ ମୁକୁଳିବା ପରେ ସେ ଉମ୍ମେ ଫରାରାଃଙ୍କ ସହିତ ମଦିନାରେ ଯାଇ ରହିଲେ । ହଜରତ୍ ଉମର ର ଅଙ୍କ ଖିଲାଫତ ସମୟରେ ଯେବେ ଇରାନ ଏବଂ ସିରିଆ ଯୁଦ୍ଧ ଅନୁଷ୍ଠିତ ହେଲା ,ସେ ମଧ୍ୟ ଇସଲାମୀୟ ସେନା ସହିତ ଇରାନୀ ଏବଂ ରୋମୀୟ ମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିଲେ ଏବଂ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ସେଥିସକାଶେ ଲୋକମାନଙ୍କର ଦୃଷ୍ଟିରେ ତାଙ୍କର ସମ୍ମାନ ପୁଣି ବଢ଼ିଯାଇଥିଲା ଓ ତାଙ୍କର ହଜିଯାଇଥିବା ପୂର୍ବ ସମ୍ମାନକୁ ସେ ଫେରିପାଇଲେ । ଅତେବ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଶାନ୍ତି ଓ ଶୃଙ୍ଖଳା ସ୍ଥାପନ ନ ହୋଇଗଲା ଏବଂ ଇସଲାମୀୟ ଶାସନର ମୁଳୁଦୁଆ ସ୍ଥାପିତ ନ ହୋଇଗଲା ସେପର୍ଯ୍ୟନ୍ତ ହଜରତ୍ ମୁହାଜିର୍ ର ଅ ଏବଂ ହଜରତ୍ ଇକରମାଃ ର ଅ ହଜରେମୌତ ଏବଂ କିନ୍ଦାରେ ହିଁ ରହିଲେ । ମୁରତଦ୍ ହୋଇଯାଇଥିବା ବିଦ୍ରୋହୀ ମାନଙ୍କ ସହିତ ଏହା ଶେଷ ଯୁଦ୍ଧ ଥିଲା । ଏହା ପରେ ଆରବରେ ବିଦ୍ରୋହ ସମ୍ପୂର୍ଣ୍ଣ ରୂପେ ସମାପ୍ତ ହୋଇଗଲା ଏବଂ ସମସ୍ତ କବିଲାଗୁଡ଼ିକ ଇସଲାମୀୟ ରାଜତ୍ୱ ଅଧିନରେ ଆସିଗଲେ ।

ହଜରତ୍ ମୁହାଜିର୍ ର ଅ ସେହି ଅଂଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏବଂ ବିଦ୍ରୋହ ତଥା ଅମାନ୍ୟକରିବାର ସାଧନ/କାରଣଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ କଠୋରତାର ସହିତ କାମ କରିଥିଲେ । ଯେଉଁଭଳି ସେ ୟମନରେ କାମ କରିଥିଲେ ।**(ହଜରତ୍ ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୪୧ ବୁକ୍ କର୍ଣ୍ଣର ଶୋ ରୁମ୍ ଝେଲମ୍)**

ହଜରତ୍ ଅବୁ ବକର୍ ର ଅ ହଜରତ୍ ମୁହାଜିର୍ ର ଅ ଙ୍କୁ ୟମନ୍ ଏବଂ ହଜରେମୌତ୍ ଅଂଚଳରେ କୌଣସି ଗୋଟିଏ ଇଲାକାକୁ ନେବା ପାଇଁ ଲେଖିଥିଲେ । ସେ ୟମନକୁ ଅକ୍ତିଆର୍ କରିନେଲେ । ସେହିପରି ୟମନରେ ଦୁଇ ଜଣ ଅମୀର ନିଯୁକ୍ତି ହୋଇଥିଲେ ।

ହଜରତ୍ ଅବୁ ବକର୍ ର ଅ ମୁରତଦ୍ଦୀନ୍ ଏବଂ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କାମ କରିଥିବା ଉମ୍ମାଲ୍ (କର୍ମକର୍ତା)ମାନଙ୍କୁ ଲେଖିଥିଲେ : ଅମ୍ମା ବାଦ୍ ! ମୋ ନିକଟରେ ସବୁଠାରୁ ପସନ୍ଦ ଯୋଗ୍ୟ କଥା ହେଉଛି ଏହା କି ଆପଣମାନେ ହୁକୁମତରେ କେବଳ ସେହି ଲୋକମାନଙ୍କୁ ସାମିଲ୍ କରନ୍ତୁ ଯେଉଁମାନଙ୍କର କାନୀ ବିଦ୍ରୋହର ଦାଗରୁ ମୁକ୍ତ ରହିଥିବ । ବସ୍ତବିକ ସେମାନେ ଫେରି ଆସିଛନ୍ତି ,କିନ୍ତୁ ଆପଣ ଏହା ଦେଖନ୍ତୁ ଯେ ସେମାନଙ୍କ ମଧ୍ୟରେ ଏପରି ଲୋକେ ତ ସାମିଲ ନାହାନ୍ତି, ଯେଉଁମାନେ ପୂର୍ବରୁ ଇରତିଦାଦ୍ (ଅର୍ଥାତ ଇସଲାମ୍ ପରିତ୍ୟାଗ ) କରି ବିଦ୍ରୋହ କରିସାରିଛନ୍ତି । ପୁଣି କହିଲେ ଯେ ଆପଣ ସମସ୍ତେ ଏହା ଉପରେ କାର୍ଯ୍ୟ କରନ୍ତୁ ଏବଂ ଏହି କାର୍ଯ୍ୟରେ ଲାଗି ରହନ୍ତୁ । ସେନାରେ ଯେଉଁମାନେ ଫେରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ,ସେମାନଙ୍କୁ ଫେରିବାକୁ ଅନୁମତି ଦେଇଦିଅ । ଶତ୍ରୁମାନଙ୍କ ସହିତ ଜିହାଦ୍ କରିବା ପାଇଁ କୌଣସି ମୁରତଦ୍ ବିଦ୍ରୋହୀଙ୍କଠାରୁ ସାହାଯ୍ୟ ନିଅନ୍ତୁ ନାହିଁ । **(ତାରିଖେ ତିବରୀ ଖ-୦୨ ପୃ-୩୦୫ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)** କ୍ରମଶଃ......

⌘⌘⌘⌘⌘⌘⌘⌘⌘⌘

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ୍ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

# : ଖୁତ୍‌ବା ଜୁମା :

**ହଜରତ୍ ଅବୁ ବକର୍ ର ଅ ଜଣେ ଦୂରଦୃଷ୍ଟି ସମ୍ପନ୍ନ, ଗଭୀର ଜ୍ଞାନର ଅଧିକାରୀ ଥିଲେ । ପରିଣାମ ଉପରେ ତାଙ୍କର ନଜର ରହୁଥିଲା । ଯେଉଁଠାରେ କଠୋର ହେବା ଜରୁରୀ ସେଠାରେ କଠୋରତା ଅବଲମ୍ବନ କରୁଥିଲେ,ଯେଉଁଠାରେ କ୍ଷମା କରିବାର ଆବଶ୍ୟକତା ଥିଲା,ସେଠାରେ କ୍ଷମା ଓ ଦୟା ଆଚରଣ କରୁଥିଲେ ।**

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କରାଯାଇଥିବା ଏକାଦଶତମ ଅଭିଯାନର ବ୍ୟାପକ ଚର୍ଚ୍ଚା**

ଜହ୍‌ହାକ୍ ବିନ୍ ଫୈରୁଜ୍ କୁହନ୍ତି ଯେ ସର୍ବପ୍ରଥମେ ୟମନରେ ରସୁଲୁଲ୍ଲାଃ ସ ଆ ସ ଙ୍କ ସମୟରେ ଯେଉଁ ବିଦ୍ରୋହ ଆରମ୍ଭ ହୋଇଥିଲା, ତାହାର ପ୍ରତିଷ୍ଠାତା ଜୁଲ୍ ଖିମାର ଅବହଲାଃ ବିନ୍ କାଆବ୍ ଥିଲା,ଯିଏ ଅସୱ୍ଦ୍ ଅନସୀ ନାମରେ ପ୍ରଶିଦ୍ଧ ହୋଇଯାଇଥିଲା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୦୮ ଜୁଲାଇ ୨୦୨୨ ଅନୁଯାୟୀ ୦୮ ୱ୍ଫା ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ଖିଲାଫତ୍ ସମୟରେ ମୁରତଦ୍ଦୀନ୍ (ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ଇସଲାମର ବିଦ୍ରୋହ କରୁଥିବା ଲୋକେ )ଏବଂ ବିଦ୍ରୋହୀ ମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯାନଗୁଡ଼ିକ କରାଯାଇଥିଲା, ସେ ବିଷୟରେ ବିଗତ ଖୁତବାଗୁଡ଼ିକରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ଏକାଦଶ ଅଭିଯାନ ବିଷୟରେ ଉଲ୍ଲେଖ ରହିଛି ଯେ ଏହି ଅଭିଯାନଟି ମୁହାଜିର୍ ବିନ୍ ଅବୁ ଉମୈୟା ର ଅଙ୍କ ଜରିଆରେ ୟମନର ମୁରତଦ୍ଦୀନ୍‌ମାନଙ୍କ ବିରୁଦ୍ଧରେ କରାଯାଇଥିଲା । ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଗୋଟିଏ ଧ୍ୱଜା ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅଙ୍କୁ ପ୍ରଦାନ କରିଥିଲେ । ପୁଣି ତାଙ୍କୁ ଏ ଆଦେଶ ଦେଇଥିଲେ ଯେ ସେ ଅସୱ୍ଦ୍ ଅନ୍‌ସୀର ସେନା ସହିତ ଯାଇ ଲଢନ୍ତୁ ଏବଂ ଅବନାଆଙ୍କୁ ସାହାଯ୍ୟ କରନ୍ତୁ,ଯାହାଙ୍କ ସହିତ କୈସ୍ ବିନ୍ ମକଶୁହ୍ ଏବଂ ୟମନର ଅନ୍ୟ ଲୋକମାନେ ଯୁଦ୍ଧ କରୁଥିଲେ । ସେ ସମୟରେ ୟମନରେ ଦୁଇଟି ମୁଖ୍ୟ ଗୋଷ୍ଠୀ ଥିଲେ । ଗୋଟିଏ ଥିଲା ମୂଳ ବାସିନ୍ଦା । ଦ୍ୱିତୀୟଟି ଥିଲା ପାରସ୍ୟ ପୂର୍ବଜଙ୍କ ବଂଶଧର,ଯାହାଙ୍କୁ ଅବନାଆ କୁହାଯାଉଥିଲା । ଏହି ଅବନାଆ ଗୋଷ୍ଠୀ ସେ ସମୟରେ ୟମନର ସବୁଠାରୁ ଶକ୍ତିଶାଳୀ ସଂଖ୍ୟାଲଘୁ ଥିଲେ । ଦୀର୍ଘ ସମୟ ଧରି ୟମନର ହାକିମ(ଶାସକ) କିସରା ସମ୍ରାଟ ଙ୍କ ଅଧିନରେ ଥିଲେ । ତେଣୁ ସରକାରଙ୍କ ଅଧିକାଂଶ ପଦବୀରେ ଅବନାଆ ଗୋଷ୍ଠୀର ଲୋକେ ଥିଲେ । ସେ ଯାହା ବି ହେଉ ଏକଥା ଉଲ୍ଲେଖ ରହିଛି ଯେ ହଜରତ୍ ଅବୁ ବକର୍ ର ଅ ହଜରତ୍ ମୁହାଜିର ର ଅଙ୍କୁ ଏ ଆଦେଶ ଦେଇଥିଲେ ଯେ ସେଠାରୁ କାମ ସାରି କିନ୍ଦାଃ କବିଲା ସହିତ ଯୁଦ୍ଧ କରିବା ପାଇଁ ହଜରେମୌତ୍ ଚାଲିଯିବ ।**(ତାରିଖେ ତିବରୀ ଖ-୦୨ ପୃ-୨୫୭ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨) (ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ ଅଜ୍ ଖୁରଶିଦ୍ ଅହେମଦ୍ ଫାରୁକ୍ ପୃ-୫୯ ମୁଦ୍ରିତ ଜାୱେଦ୍ ବଙ୍ଗ ପ୍ରେସ୍)**

ହଜରେମୌତ୍ ହେଉଛି ୟମନଠାରୁ ପୂର୍ବଦିଗରେ ଥିବା ଏକ ବିସ୍ତୃତ ଅଂଚଳର ନାମ । ସେହି ଇଲାକାରେ ଅନେକ ବସ୍ତମାନ ରହିଛନ୍ତି । ହଜରେମୌତ୍ ଏବଂ ସନାଆ ମଧ୍ୟରେ ୨୧୬ ମାଇଲର ଦୂରତା ରହିଛି । **(ମୁଅଜମୁଲ୍ ବୁଲଦାନ୍ ଖ-୦୨ ପୃ-୩୧୧) (ଫର୍‌ହଙ୍ଗ୍ ସିରତ୍ ପୃ-୨୨୬ ଜୱାର୍ ଏକାଡ଼େମୀ କରାଚି)**

କିନ୍ଦା ଥିଲା ୟମନ ଦେଶର ଗୋଟିଏ କବିଲାର ନାମ । **(ଫର୍‌ହଙ୍ଗ୍ ସିରତ୍ ପୃ-୨୪୮ ଜୱାର୍ ଏକାଡ଼େମୀ କରାଚି)**

ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅଙ୍କ ପରିଚୟ ବିଷୟରେ ଉଲ୍ଲେଖ ରହିଛି ଯେ ତାଙ୍କ ନାମ ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅ ବିନ୍ ମୁଗିରାଃ ବିନ୍ ଅବ୍ଦୁଲ୍ଲାଃ ଥିଲା । ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅ ଉମ୍ମୁଲ୍ ମୁମିନିନ୍ ହଜରତ୍ ଉମ୍ମେ ସଲମାଃ ର ଅ ଙ୍କ ଭାଇ ଥିଲେ । ସେ ବଦର୍ ଯୁଦ୍ଧରେ ମୁସରିକ୍ (ଅନେକେଶ୍ୱରବାଦୀ ଏବଂ ଏକେଶ୍ୱରବାଦକୁ ବିରୋଧ କରୁଥିବା ଲୋକ)ମାନଙ୍କ ତରଫରୁ ସାମିଲ ହୋଇଥିଲେ । ସେହି ଦିନ ତାଙ୍କର ଦୁଇ ଭାଇ ହିଶାମ୍ ଏବଂ ମସୱ୍ଦ୍‌ଙ୍କୁ ହତ୍ୟା କରାଯାଇଥିଲା । ତାଙ୍କର ଅସଲ ନାମ ୱଲିଦ୍ ଥିଲା, ସେହି ନାମକୁ ନବି କରିମ୍ ସ ଆ ସ ବଦଳାଇ ଦେଇଥିଲେ । **(ଉସଦୁଲ୍ ଗାବାଃ ଖ-୦୫, ପୃ-୨୬୫ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୩)(ଅଲଅସାବାଃ ଫି ତମିଜିଲ୍ ସାହାବାଃ ଖ-୦୬ ପୃ-୧୮୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)**

ଆଉ ଗୋଟିଏ ରିୱାୟତରେ ଆସିଛି ଯେ ମୁହାଜିର୍ ବିନ୍ ଅବୁ ଉମୈୟା ର ଅ ତବୁକ ଯୁଦ୍ଧରେ ସାମିଲ ହୋଇପାରିନଥିଲେ । ପଛରେ ରହିଯାଇଥିଲେ । ଯେବେ ରସୁଲୁଲ୍ଲାଃ ସ ଆ ସ ଏହି ଯୁଦ୍ଧରୁ ଫେରି ଆସିଲେ,ଆପଣ ସ ଆ ସ ତାଙ୍କ ଉପରେ ନାରାଜ ଥିଲେ । ଦିନେ ହଜରତ୍ ଉମ୍ମେ ସଲମାଃ ର ଅ ଆଁ ହଜରତ୍ ସ ଆ ସ ଙ୍କ ମୁଣ୍ଡକୁ ଧୋଇଦେଉଥିଲେ,ସେତେବେଳେ କହିଲେ ଯେ,ଯେବେ ଆପଣ ମୋ ଭାଇ ଉପରେ କ୍ରୋଧିତ ସେତେବେଳେ ମତେ କୌଣସି କିଛି ବି ଲାଭ ଦେଇପାରିବ କି ? ଯେତେବେଳେ ହଜରତ୍ ଉମ୍ମେ ସଲମା ର ଅ ଆଁ ହଜରତ୍ ସ ଆ ସ ଙ୍କ ଭିତରେ ଦୟା ଓ କରୁଣାର କିଛି ଲକ୍ଷଣ ଦେଖିଲେ,ସେତେବେଳେ ସେ ନିଜ ଖାଦିମାଃ (ମହିଳା ସେବିକା)ଙ୍କୁ ଇସାରା କଲେ ଯେ ଯାଇ ମୁହାଜିରଙ୍କୁ ଡ଼ାକି ଆଣ । ସେ ଯାଇ ତାଙ୍କୁ ଡ଼ାକି ଆଣିଲେ । ମୁହାଜିର୍ ଯୁଦ୍ଧକୁ ନଯିବାର ନିଜର ବାହାନା(କାରଣ)ଗୁଡ଼ିକୁ ବର୍ଣ୍ଣନା କରିଚାଲିଥାନ୍ତି । ପରିଶେଷରେ ରସୁଲୁଲ୍ଲାଃ ସ ଆ ସ ତାଙ୍କର ସେହି ବାହାନାକୁ ଗ୍ରହଣ କରିନେଲେ ଏବଂ ତାଙ୍କ ଉପରେ ପ୍ରସନ୍ନ ହେଲେ । ପୁଣି ତାଙ୍କୁ କିନ୍ଦାର ଆମିଲ୍ ନିୟୋଜିତ କରିଦେଲେ କିନ୍ତୁ ସେ ଅସୁସ୍ଥ ହୋଇଯିବାରୁ ସେଠାକୁ ଯାଇପାରିନଥିଲେ । ସେ ଜୟାଦକୁ ଲେଖିଲେ ଯେ ସେ ତାଙ୍କ ଖାତିର୍ ତାଙ୍କ କାମକୁ କରିଦିଅନ୍ତୁ । ପୁଣି ଯେବେ ସେ ସୁସ୍ଥ ହେଲେ,ହଜରତ୍ ଅବୁ ବକର୍ ର ଅ ତାଙ୍କ ଇମାରତ୍‌ର ନିଯୁକ୍ତିକୁ ପୂରଣ କଲେ ଏବଂ ନଜରାନ୍‌ଠାରୁ ନେଇ ୟମନର ଶେଷ ସୀମା ପର୍ଯ୍ୟନ୍ତ ତାଙ୍କୁ ହାକିମ ଭାବରେ ନିଯୁକ୍ତି ଦେଲେ ଓ ତାଙ୍କୁ ଯୁଦ୍ଧ କରିବାକୁ ଆଦେଶ ବି ଦେଲେ । **(ତାରିଖେ ତିବରୀ ଖ-୦୨ ପୃ-୩୦୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)**

ଜହ୍‌ହାକ୍ ବିନ୍ ଫୈରୁଜ୍ କୁହନ୍ତି ଯେ ସର୍ବପ୍ରଥମେ ୟମନରେ ରସୁଲୁଲ୍ଲାଃ ସ ଆ ସ ଙ୍କ ସମୟରେ ଯେଉଁ ବିଦ୍ରୋହ ଆରମ୍ଭ ହୋଇଥିଲା, ତାହାର ପ୍ରତିଷ୍ଠାତା ଜୁଲ୍ ଖିମାର ଅବହଲାଃ ବିନ୍ କାଆବ୍ ଥିଲା,ଯିଏ ଅସୱ୍ଦ୍ ଅନସୀ ନାମରେ ପ୍ରଶିଦ୍ଧ ହୋଇଯାଇଥିଲା । **(ତାରିଖେ ତିବରୀ ଖ-୦୨ ପୃ-୨୨୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)**

ଅସୱ୍ଦ୍ ଅନସୀ ୟମନର ବନୁ ଅନସ କବିଲାର ସରଦାର୍ ଥିଲା । ତା ରଙ୍ଗ କଳା ଥିବାରୁ ତାକୁ ଅସୱ୍ଦ୍ କୁହାଯାଉଥିଲା ।**(ସିରତ୍ ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଅବୁଲ୍ ନସର୍ ମୁତରଜିମ୍ ପୃ-୫୭୦)**

ଆଉ ଗୋଟିଏ ରିୱାୟତରେ ତା ନାମ ଅବହଲାଃ ବିନ୍ କାଆବ୍ ବିନ୍ ଔଫ୍ ଅନସୀ ବୋଲି ବର୍ଣ୍ଣିତ ରହିଛି । ଅସୱ୍ଦ୍ ଅନସୀ ର ଲକବ୍ (ଉପନାମ) ଜୁଲ୍ ଖିମାର ଥିଲା । କାରଣ ସେ

ସବୁବେଳେ ଗୋଟିଏ କପଡ଼ା ଗୁଡ଼ାଇ ହୋଇ ରହୁଥିଲା । **(ଅଲକାମିଲ୍ ଫିତ୍ ତାରିଖ୍ ଲେ ଇବନେ ଅସିର୍ ଖ-୦୨ ପୃ-୨୦୧ ଅଖବାର୍ ଅଲଅସୱ୍ଦ୍ ଅଲଅନସୀ ବିଲ୍ ୟମନ୍ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୬)**

ଆଉ କେତେକଙ୍କ ମତରେ ତାର ଉପନାମ ଥିଲା "ଜୁଲ୍ ଖୁମାର୍" ଅର୍ଥାତ୍ ନିଶାପାନ କରି ନିଶାରେ ମସ୍ତ ରହିବା । **(ସିରତ୍ ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଅବୁଲ୍ ନସର୍ ମୁତରଜିମ୍ ପୃ-୫୭୦)**

ଆଉ କେତେକଙ୍କ ଅନୁଯାୟୀ ତାର ଲକବ୍ (ଉପନାମ) ଥିଲା ଜୁଲ୍ ହିମାର୍ । ଏହାର ଗୋଟିଏ କାରଣ ଥିଲା ଏହା କି ଅସୱ୍ଦ୍ ନିକଟରେ ଗୋଟିଏ ପ୍ରଶିକ୍ଷଣ ପ୍ରାପ୍ତ ଗଧ ଥିଲା । ସେ ଯେବେ ତାକୁ କହୁଥିଲା ଯେ ନିଜ ମାଲିକକୁ ସିଜଦାଃ (ପ୍ରଣାମ) କର, ସେହି ଗଧଟି ସିଜଦାଃ କରୁଥିଲା । ଯେବେ ତାକୁ ବସିବା ପାଇଁ କହୁଥିଲା ସେ ବସିପଡୁଥିଲା । ଛିଡ଼ା ହେବାକୁ କହିଲେ ସେ ଛିଡ଼ା ହୋଇଯାଉଥିଲା । **(ଅଲଅନସାବ୍ ଲିସହାରୀ ଭାଗ-୦୧ ପୃ-୩୮୭ ମୁଦ୍ରିତ ୨୦୦୬)**

ଆଉ କେତେକଙ୍କ ମତରେ ତାକୁ ଜୁଲ୍ ହିମାର ଏଇଥିପାଇଁ କୁହାଯାଉଥିଲା ଯେ, ସେ କହୁଥିଲା କି ଯଦି କିଏ ମୋ ସାମନାରେ ପ୍ରକାଶ ହେଉଛି ଜାଣିନିଅ ଯେ ସେ ଗୋଟିଏ ଗଧ ଉପରେ ଚଢ଼ିକି ବସିଛି ।**(ମଦାରିଜୁନ୍ ନବୁୱ୍ୱାଃ ମୁତରଜିମ୍ ଖ-୦୨ ପୃ-୪୮୧ ମୁଦ୍ରିତ ଜିଆଉଲ୍ କୁରଆନ୍ ପବ୍ଲିକେଶନ୍ସ ଲାହୋର୍)**

ସେହିପରି ଆଉ ଏକ ସ୍ଥାନରେ ଉଲ୍ଲେଖ ରହିଛି ଯେ ଅସୱ୍ଦ୍ ନିଜର ଲକବ୍ (ଉପନାମ) ରହମାନୁଲ୍ ୟମନ୍ ରଖିଥିଲା । ଯେମିତି ମୁସଲେମାଃ ନିଜର ଲକବ୍ ରହମାନୁଲ୍ ୟମାମାଃ ରଖିଥିଲା । ସେ ଏହା ମଧ୍ୟ କହୁଥିଲା ଯେ ତା ଉପରେ ୱହି (ଅର୍ଥାତ୍ ଐଶିବାଣୀ) ଅବତୀର୍ଣ୍ଣ ହେଉଛି ଏବଂ ତାକୁ ଶତୃପକ୍ଷର ସମସ୍ତ ଯୋଜନା ବିଷୟରେ ପୂର୍ବରୁ ଜଣାପଡ଼ିଯାଉଛି । **(ସିରତ୍ ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଅବୁଲ୍ ନସର୍ ମୁତରଜିମ୍ ପୃ-୫୭୧)**

ଅସୱ୍ଦ୍ ଜଣେ ଯାଦୁକର ଥିଲା । ସେ ଲୋକମାନଙ୍କୁ ଅଦ୍ଭୁତ ଯାଦୁ ଦେଖାଉଥିଲା । **(ଅଲକାମିଲ୍ ଫିତ୍ ତାରିଖ୍ ଲେ ଇବନେ ଅସିର୍ ଖ-୦୨ ପୃ-୨୦୧ ଅଖବାର୍ ଅଲଅସୱ୍ଦ୍ ଅଲଅନସୀ ବିଲ୍ ୟମନ୍ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୬)**

ବୁଖାରୀର ଗୋଟିଏ ରିୱାୟତ୍ ମୁତାବକ ଆଁ ହଜରତ୍ ସ ଆ ସ ଙ୍କୁ ସ୍ୱପ୍ନରେ ପୂର୍ବରୁ ହିଁ ଏହା ବତାଇଦିଆଯାଇଥିଲା ଯେ ନବୁୱ୍ୱତର ଦାବି କରିଥିବା ଦୁଇଜଣ ମିଥ୍ୟା ଦାବିଦାର ବାହାରିବେ ।

ସୁତରାଂ ହଜରତ୍ ଅବୁ ହୁରୈରାଃ ର ଅ ଗୋଟିଏ ହଦିସ୍ ବର୍ଣ୍ଣନା କରିଛନ୍ତି ଯେ କାଲା କାଲା ରସୁଲୁଲ୍ଲାଃ ବୈନା ଅନା ନାଏମୁନ୍ ଉତିତୁ ବିଖଜାଇନିଲ୍ ଅରଜି ଫଉଜିଆ ଫି କଫଫି ସିୱାରାନି ମିନ୍ ଜହବି ଫକବୁରା ଆଲୈୟା ଫଅଓହଲ୍ଲାହୁ ଇଲୈୟା ଅନିନ୍‌ଫୁଖ୍‌ହୁମା ଫନଫଖ୍‌ତୁହୁମା ଫଜହବା ଫଅୱ୍ୱଲ୍‌ତୁହୁମଲ୍ କଜ୍ଜାବୈନିଲ୍ଲଜିନା ଅନା ବୈନହୁମା ସାହିବା ସନ୍‌ଆଅ ୱ ସାହିବୁଲ୍ ୟମାମାଃ **(ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ ୱଫଦ୍ ବନି ହନିଫା ରିୱାୟତ୍ ନଂ-୪୩୭୫)**

ରସୁଲୁଲ୍ଲାଃ ସ ଆ ସ କହିଲେ ଯେ ମୁଁ ଶୋଇଥିବା ସମୟରେ ଗୋଟିଏ ସ୍ୱପ୍ନରେ ଦେଖିଲି ଯେ ମତେ ପୃଥିବୀର ଭଣ୍ଡାର ଦିଆଯାଇଅଛି । ମୋ ଦୁଇ ହାତରେ ଦୁଇଟି ସୁନା କଙ୍କଣ ରଖାଯାଇଅଛି । ଏହା ଦେଖି ମତେ ବହୁତ ଅସହଜ ବୋଧ ହେଲା । ଏହା ଦେଖି ଅଲ୍ଲାଃତାଲା ମୋ ଉପରେ ୱହି କଲେ ଯେ ମୁଁ ଏହି ଦୁଇଟି ଉପରେ ଫୁଙ୍କି ଦେବି । ସୁତରାଂ ମୁଁ ଫୁଙ୍କିଦେଲି । ଦେଖିଲି ଯେ ତାହା ଅଦୃଶ୍ୟ ହୋଇଯାଇଛନ୍ତି । ମୁଁ ତାହାର ଅର୍ଥ ଏହା ବାହାର କଲି ଯେ ଦୁଇଜଣ ମିଥ୍ୟାବାଦୀ ବାହାରିବେ,ଜଣେ ହେଉଛନ୍ତି ସନାଅର ଅସୱ୍ଦ୍ ଅନସୀ ଏବଂ ଆଉ ଜଣେ ହେଉଛନ୍ତି ୟମାମାର ମୁସଲେମାଃ କଜ୍ଜାବ୍ ।

ବୁଖାରୀରେ ଆଉ ଗୋଟିଏ ରିୱାୟତ୍ ରହିଛି ଯେ ହଜରତ୍ ଇବ୍‌ନେ ଅବ୍‌ବାସ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ମତେ ରସୁଲୁଲ୍ଲାଃ ସ ଆ ସ ଙ୍କର ଗୋଟିଏ ସ୍ୱପ୍ନ ବିଷୟରେ ବତାଗଲା । ଆପଣ ସ ଆ ସ କହିଲେ : ମୁଁ ଶୋଇଥିବା ଅବସ୍ଥାରେ ମତେ ଦେଖାଇଦିଆଗଲା ଯେ ମୋ ଦୁଇ ହାତରେ ଦୁଇଟି ସୁନା କଙ୍କଣ ରଖାଯାଇଅଛି । ମୁଁ ତାହା ଦେଖି ବ୍ୟତିବ୍ୟସ୍ତ ହୋଇପଡ଼ିଲି ଏବଂ ଏ କଥାକୁ ଖରାପ ଭାବିଲି । ସେହି ଦୁଇଟି ଉପରେ ଫୁଙ୍କି ଦେବାପାଇଁ ମତେ କୁହାଗଲା । ଅତଃ ମୋ ଫୁଙ୍କିଦେବାରେ ଉଭୟ କଙ୍କଣ ଉଡ଼ିଗଲେ । ଅର୍ଥାତ୍ ତାଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ କୁହାଗଲା । ମୁଁ ସେହି ସ୍ୱପ୍ନର ଅର୍ଥ ଏହା ବାହାର କଲି ଯେ ଦୁଇଜଣ ମିଥ୍ୟାବାଦୀ ଅଛନ୍ତି ,ଯେଉଁମାନେ ମୋ ବିରୁଦ୍ଧରେ ବାହାରିବେ । ବର୍ଣ୍ଣନାକାରୀ ଉବୈଦୁଲ୍ଲାଃ କହିଲେ ଯେ ସେହି ଦୁଇଜଣଙ୍କ ମଧ୍ୟରେ ଜଣେ ଥିଲା ଅନସୀ ,ଯାହାକୁ ୟମନରେ ଫୈରୋଜ୍ ବଧ କରିଥିଲେ ଏବଂ ଦ୍ୱିତୀୟ ଜଣକ ଥିଲା ମୁସଲେମାଃ କଜ୍ଜାବ୍ । **(ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ କିସ୍‌ସତୁଲ୍ ଅସୱ୍ଦୁଲ୍ ଅନସୀ ହଦିସ୍ ନଂ-୪୩୭୯)**

ଯେତେବେଳେ ରସୁଲେ କରିମ୍ ସ ଆ ସ ଇରାନର ରାଜା କିସରା ନିକଟକୁ ଚିଠି ଲେଖିଲେ ,ଦାୱତେ ଇସଲାମ୍ (ଇସଲାମ ପ୍ରତି ଆମନ୍ତ୍ରଣ) କଲେ , ସେ ସେତେବେଳେ କ୍ରୋଧରେ ଜର୍ଜରିତ ହୋଇ ନିଜ ଅଧିନସ୍ତ ୟମନର ଆମିଲ୍ ବାଜାନ୍ କୁ କେତେକଙ୍କ ଅନୁସାରେ ତା ନାଁ ବଦହାନ୍ ବି କୁହାଯାଏ , ଆଦେଶ ଦେଲା ଯେ ସେ ଏହି ଲୋକର ଅର୍ଥାତ ରସୁଲେ କରିମ୍ ସ ଆ ସ ଙ୍କର ମୁଣ୍ଡ ଧରି ମୋ ଦରବାରରେ ପହଂଚୁ । ସୁତରାଂ ବାଜାନ ଦୁଇଜଣ ଲୋକଙ୍କୁ ରସୁଲେ କରିମ୍ ସ ଆ ସ ଙ୍କ ନିକଟକୁ ପଠାଇଲା । କିନ୍ତୁ ରସୁଲେ କରିମ ସ ଆ ସ କହିଲେ : ମୋ ଅଲ୍ଲାଃ ମତେ ବତାଇଛନ୍ତି ଯେ ତୁମ ରାଜାଙ୍କୁ ତାଙ୍କ ପୁଅ ଶେରୈୱେୟା ହତ୍ୟା କରିଦେଇଛି ଏବଂ ତା ସ୍ଥାନରେ ସେ ନିଜେ ରାଜା ହୋଇଯାଇଛି । ପୁଣି ଏହି ଖବର ଦେବା ସହିତ ବାଜାନକୁ ଇସଲାମ ଆଡ଼କୁ ଆମନ୍ତ୍ରିତ କରି କହିଲେ ଯେ ଯଦି ସେ ଇସଲାମ୍ ଗ୍ରହଣ କରିନିଏ ତାହେଲେ ସେ ୟମନର ଶାସକ ଭାବରେ ପୂର୍ବବତ୍ ରହିବ । ଏକଥା ଶୁଣି ସେହି ଦୁଇଜଣ ସେଠାରୁ ଫେରିଗଲେ । ବାଜାନକୁ ଯାଇ ସବୁ କଥା କହିଲେ । ଏହି ଅବଧି ମଧ୍ୟରେ ବାଜାନ୍ କୁ ଏ ଖବର ମିଳିଲା ଯେ ପ୍ରକୃତରେ ସେହିପରି ହିଁ ଘଟିଛି । ଅର୍ଥାତ୍ କିସରାକୁ ତା ପୁଅ ଶେରୈୱେୟା ହତ୍ୟା କରିଦେଇଛି ଏବଂ ତା ସ୍ଥାନରେ ସେ ନିଜେ ରାଜା ହୋଇଯାଇଛି । ବାଜାନ ଯେତେବେଳେ ଆପଣ ସ ଆ ସଙ୍କର ଏହି କଥାକୁ ପୂରଣ ହେବାର ଦେଖିଲା,ସେ ନବି କରିମ୍ ସ ଆ ସଙ୍କ ଇସଲାମ୍ ପ୍ରତି ଆମନ୍ତ୍ରଣକୁ ଗ୍ରହଣ କରିନେଲା । ସୁତରାଂ ନବି କରିମ୍ ସ ଆ ସ ତାକୁ ୟମନର ହାକିମ୍ (ଶାସକ) ଭାବରେ ରହିବାକୁ ଦେଲେ । **(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ (ମୁତରଜିମ୍) ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ଉର୍ଦ୍ଦୁ ଅନୁବାଦ ପୃ-୧୧୭-୧୧୮)**

**ଏହି ଚିଠି ବିଷୟରେ ଏବଂ ଦାୱତେ ଇସଲାମ୍ (ଅର୍ଥାତ ଇସଲାମ୍ ପ୍ରତି ଆମନ୍ତ୍ରଣ) ବିଷୟରେ ଏବଂ ଯେଉଁ କିସରା ଏହି କଥା କହିଥିଲା,ସେ ସମ୍ବନ୍ଧରେ ହଜରତ୍ ମୁସଲେହ୍ ମଉଦ୍ ର ଅ ମଧ୍ୟ ଗୋଟିଏ ସ୍ଥାନରେ ଲେଖିଛନ୍ତି । ସେ କୁହନ୍ତି ଯେ:**"ଅବ୍ଦୁଲ୍ଲାଃ ବିନ୍ ହୁଜୈଫା ର ଅ କୁହନ୍ତି ଯେ ଯେବେ ମୁଁ କିସରାର ଦରବାରରେ ପହଂଚିଲି ,ମୁଁ ଭିତରକୁ ଆସିବାକୁ ଅନୁମତି ଲୋଡ଼ିଲି । ମତେ ଅନୁମତି ମିଳିଗଲା । ଯେବେ ମୁଁ ଆଗକୁ ବଢ଼ି କିସରାକୁ ରସୁଲୁଲ୍ଲାଃ ସ ଆ ସଙ୍କ ଚିଠିଟିକୁ ତା ହାତରେ ଦେଲି,ସେ ଜଣେ ଅନୁବାଦକାରୀକୁ ଡ଼ାକି ତାହା ପଢ଼ି ଶୁଣାଇବାକୁ ଆଦେଶ ଦେଲା । ଯେବେ ଅନୁବାଦକ ସେହି ଚିଠିଟିକୁ ପଢ଼ି ଶୁଣାଇଲା ,ତାହା ଶୁଣି କିସରା କ୍ରୋଧିତ ହୋଇ ସେହି ଚିଠିଟିକୁ ଚିରି ଦେଲା । ଯେବେ ଏହି ଖବର ଅବ୍ଦୁଲ୍ଲାଃ ବିନ୍ ହୁଜୈଫା ର ଅ ରସୁଲୁଲ୍ଲାଃ ସ ଆ ସଙ୍କୁ ଆସି ଦେଲେ,ଆଁ ହଜରତ୍ ସ ଆ ସ କହିଲେ:କିସରା ଯାହା କିଛି ଆମ ଚିଠି ସହିତ ବ୍ୟବହାର କରିଛି ,ଅଲ୍ଲାଃତାଲା ତା ରାଜତ୍ୱ ସହିତ ସେହିପରି ବ୍ୟବହାର କରିବେ ।

କିସରାର ସେହି ଆଚରଣର କାରଣ ଏହା ଥିଲା କି ଆରବର ୟହୁଦୀମାନେ, ସେହି ଇହୁଦୀମାନଙ୍କ ମଧ୍ୟରେ ଯେଉଁମାନେ ରୋମ ରାଜ୍ୟରୁ ପଳାୟନ କରି ଇରାନ ରାଜ୍ୟକୁ ଚାଲିଯାଇଥିଲେ,ଏବଂସେହି କାରଣରୁ ସେମାନେ ରୋମ ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରରେ କିସରକୁ ସମର୍ଥନ କରିବାକୁ ବହୁତ ଇଚ୍ଛୁକ ଥିଲେ । ସେମାନେ କିସରାକୁ ରସୁଲୁଲ୍ଲାଃ ସ ଆ ସଙ୍କ ବିରୁଦ୍ଧରେ ବହୁତ ଭଡ଼କାଇ ଥିଲେ । ସେମାନେ ଯେଉଁ ଅଭିଯୋଗ କରିଥିଲେ ,ସେହି ଚିଠିଟି କିସରାର ଚିନ୍ତାଧାରାକୁ ଆହୁରି ସମର୍ଥନ କରିଦେଲା । ସୁତରାଂ ସେ ଏ କଥା ଭାବିଲା ଯେ ଏହି ଲୋକ ଜଣକ ମୋ ରାଜତ୍ୱ ଉପରେ କାଳେ ନଜର ରଖିଛି । ଅର୍ଥାତ୍ ଆଁ ହଜରତ୍ ସ ଆ ସ କିସରାର ରାଜତ୍ୱ ଉପରେ ନଜର ରଖିଛନ୍ତି । ଏହ ତାର ଧାରଣା ଥିଲା ।" ଅତଃ ସେହି ଚିଠି ପରେ କିସରା ୟମନର ଗଭର୍ନରକୁ ଗୋଟିଏ ଚିଠି ଲେଖିଲା । ସେହି ଚିଠିର ବିଷୟବସ୍ତୁ ଏହା ଥିଲା ଯେ କୁରୈଶର ଜଣେ ବ୍ୟକ୍ତି ନବୁୱ୍ୱତର ଦାବି କରୁଅଛି,ଏବଂ ନିଜ ଦାବିରେ ସେ ବହତୁ ବଢିଚାଲିଛି । ତୁମେ ସଙ୍ଗେ ସଙ୍ଗେ ଦୁଇଜଣ ଲୋକଙ୍କୁ ତାଙ୍କ ନିକଟକୁ ପଠଅ ଯିଏ ଯାଇ ତାକୁ ଧରି ମୋ ନିକଟରେ ଉପସ୍ଥିତ କରିବେ । ଏଥିରେ ବାଜାନ୍ ,ଯିଏ ସେତେବେଳେ କିସରା ତରଫରୁ ୟମନର ଗଭର୍ନର ଥିଲା,ସେ ଜଣେ ସେନା ଅଧିକାରୀ ଏବଂ ଜଣେ ଆରୋହୀଙ୍କୁ ରସୁଲୁଲ୍ଲାଃ ସ ଆ ସଙ୍କ ନିକଟକୁ ପଠାଇଲେ ଏବଂ ସାଥିରେ ଗୋଟିଏ ଚିଠି ମଧ୍ୟ ଆପଣ ସ ଆ ସଙ୍କ ନିକଟକୁ ଲେଖି ପ୍ରେରଣ କଲେ ଯେ ଆପଣ ଏହି ଚିଠିଟିକୁ ପାଇବା ମାତ୍ରେ ତୁରନ୍ତ ଏହି ଲୋକମାନଙ୍କ ସହିତ କିସରାର ଦରବାରରେ ଉପସ୍ଥିତ ହୋଇଯାଅ । ସେହି ଅଧିକାରୀ ଜଣକ ପ୍ରଥମେ ମକ୍କା ଆଡ଼କୁ ଗଲେ । ତାଏଫରେ ପହଂଚି ସେ ଜାଣିବାକୁ ପାଇଲେ ଯେ ଆପଣ ସ ଆ ସ ମଦିନାରେ ରହୁଛନ୍ତି । ସୁତରାଂ ସେ ସେଠାରୁ ମଦିନା ଚାଲିଲା । ମଦିନାରେ ପହଂଚି ସେ ରସୁଲୁଲ୍ଲାଃ ସ ଆ ସ ଙ୍କୁ କହିଲା ଯେ କିସରା ୟମନର ଗଭର୍ନର ବାଜାନକୁ ଆଦେଶ ଦେଇଛି ଯେ ଆମେ ଆପଣଙ୍କୁ ଧରି ତା ନିକଟରେ ଉପସ୍ଥିତ କରିବୁ । ଯଦି ଆପଣ ଏହି ଆଦେଶକୁ ପ୍ରତ୍ୟାଖ୍ୟାନ କରିବେ,ତାହେଲେ ସେ ଆପଣକୁ ବି ହତ୍ୟା କରିବା ସହିତ ଆପଣଙ୍କ ରାଜ୍ୟକୁ ବି ଧ୍ୱଂସ କରିଦେବ । ତେଣୁ ଆପଣ ଆମ ସହିତ ନିଶ୍ଚିତ ରୂପେ ଚାଲନ୍ତୁ । ରସୁଲୁଲ୍ଲାଃ ସ ଆ ସ ତା କଥାକୁ ଶୁଣି କହିଲେ : ଠିକ୍ ଅଛି କାଲି ତୁମେ ମୋ ସହିତ ଦେଖା କର । ରାତିରେ ଆପଣ ସ ଆ ସ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ(ପ୍ରାର୍ଥନା)କଲେ । ସର୍ବଶକ୍ତିମାନ ଅଲ୍ଲାଃ ଆପଣ ସ ଆ ସଙ୍କୁ ଜଣାଇଦେଲେ ଯେ କିସରା ସମ୍ରାଟ ଦ୍ୱାରା ଆପଣଙ୍କ ପ୍ରତି କରାଯାଇଥିବା ଅସମ୍ମାନର ଦଣ୍ଡ ସ୍ୱରୂପ ଆମ୍ଭେ ତା ପୁଅକୁ ତା ଉପରେ ବସାଇଦେଲୁ ।

ଅତେବ ସେ ସେହି ବର୍ଷ ଜମାଦିଲ୍ ଅୱ୍ୱଲ୍ ମାସର ଦଶ ତାରିଖ ଦିନ ତାକୁ (ଅର୍ଥାତ କିସରାକୁ) ହତ୍ୟା କରିଦେବ । ଆଉ କେତେକ ରିୱାୟତରେ ଆସିଛି ଯେ ଆପଣ ସ ଆ ସ କହିଲେ ଯେ ଆଜି ରାତିରେ ସେ(ଅର୍ଥାତ୍ କିସରା ସମ୍ରାଟର ପୁଅ ଶେରେୱିୟା) ତାକୁ (ଅଥର୍ଥତ କିସରାକୁ) ହତ୍ୟା କରିସାରିଛି । ସମ୍ଭବତଃ ସେହି ରାତିଟି ଦଶ ଜମାଦିଲ୍ ଅୱ୍ୱଲ୍‌ର ରାତି ହୋଇଥିବ । ଯେବେ ସକାଳ ହେଲା ରସୁଲୁଲ୍ଲାଃ ସ ଆ ସ ସେହି ଦୁଇଜଣ ଲୋକଙ୍କୁ ଡ଼କାଇଲେ ଏବଂ ସେମାନଙ୍କୁ ଏହି ଐଶିବାଣୀପୂର୍ଣ୍ଣ ଭବିଷ୍ୟବାଣୀ ଶୁଣାଇଦେଲେ । ପୁଣି ତାପରେ ରସୁଲୁଲ୍ଲାଃ ସ ଆ ସ ବାଜାନ ନିକଟକୁ ଚିଠି ଲେଖିଲେ ଯେ ଅଲ୍ଲାଃତାଲା ମତେ ଏ ଖବର ଦେଇଛନ୍ତି ଯେ କିସରାକୁ ଅମୁକ ତାରିଖରେ ,ଅମୁକ ମାସରେ ହତ୍ୟା କରିଦିଆଯିବ । ଯେତେବେଳେ ସେହି ଚିଠିଟି ୟମନର ଗଭର୍ନର ବାଜାନ ନିକଟରେ ପହଂଚିଲା ,ସେ କହିଲା ଯଦି ଇଏ ସଚ୍ଚା ନବି ହୋଇଥିବେ ତାହେଲେ ଏହିପରି ହିଁ ଘଟିବ ।

ନଚେତ ଏହା ତାଙ୍କ ପାଇଁ ଏବଂ ତାଙ୍କ ଦେଶ ପାଇଁ ଭଲ ହେବ ନାହିଁ । କିଛି ଦିନ ଅନ୍ତରାଳରେ ଇରାନର ଗୋଟିଏ ଜାହାଜ ୟମନର ବନ୍ଦରରେ ଅସି ଅଟକିଲା ଏବଂ ଗଭର୍ନରଙ୍କୁ ଇରାନର ସମ୍ରାଟଙ୍କଠାରୁ ଆସିଥିବା ଗୋଟିଏ ଚିଠି ଦେଲା । ସେହି ଚିଠିର ମୋହରକୁ ଦେଖିବ କ୍ଷଣି ୟମନର ଗଭର୍ନର କହିଲେ ମଦିନାର ନବି ସତ୍ୟ କହିଥିଲେ । ଇରାନର ସମ୍ରାଟ ବଦଳି ଯାଇଛନ୍ତି ଏବଂ ଏହି ଚିଠିରେ ଅନ୍ୟ ଜଣେ ସମ୍ରାଟଙ୍କ ମୋହର ଲାଗିଛି । ଯେବେ ସେ ଚିଠିଟିକୁ ଖୋଲିଲେ ,ସେଥିରେ ଲେଖାହୋଇଥିଲା ଯେ ଏହି ଚିଠିଟି ୟମନର ଗଭର୍ନର ବାଜାନ ନିକଟକୁ କିସରାର ସମ୍ରାଟ ଶେରୌୟିୟା ତରଫରୁ ଲେଖାଯାଉଅଛି । ମୁଁ ମୋ ବାପା କିସରାକୁ ହତ୍ୟା କରିଦେଇଛି । ଏହା ଏଇଥିପାଇଁ ଯେ ସେ ଦେଶରେ ରକ୍ତପାତର ଦ୍ୱାରକୁ ଖୋଲିଦେଇଥିଲା । ଦେଶର ସମ୍ଭ୍ରାନ୍ତ ଲୋକମାନଙ୍କୁ ସେ ହତ୍ୟା କରୁଥିଲା ଏବଂ ନାଗରିକମାନଙ୍କ ଉପରେ ଅତ୍ୟାଚାର କରୁଥିଲା । ଯେବେ ମୋର ଏହି ଚିଠିଟି ତୁମ ନିକଟରେ ପହଂଚିବ ,ତୁରନ୍ତ ସମସ୍ତ ଅଧିକାରୀମାନଙ୍କୁ ମୋର ଆନୁଗତ୍ୟ ସ୍ୱୀକାର କରିବା ପାଇଁ ପ୍ରତିଜ୍ଞା କରାଇନେବ । ମୋ ବାପା ଆରବର ଯେଉଁ ନବିଙ୍କୁ ଗିରଫ କରିବା ପାଇଁ ଆଦେଶ ଦେଇଥିଲା,ତାହାକୁ ରଦ୍ଦ କରାଗଲା । ସେହି ଚିଠିଟିକୁ ପଢି ବାଜାନ୍ ଏତେ ମାତ୍ରାରେ ପ୍ରଭାବିତ ହେଲା ଯେ ସେହି କ୍ଷଣି ସେ ଏବଂ ତାର ଅନେକ ସାଥି ଇସଲାମ୍ ଗ୍ରହଣ କରିନେଲେ ଏବଂ ସେ ରସୁଲୁଲ୍ଲାଃ ସ ଆ ସଙ୍କୁ ଇସଲାମ୍ ଗ୍ରହଣ କରିଥିବା ବିଷୟରେ ଅବଗତ କରାଇଥିଲେ ।” (ଦିବାଚା ତଫସୀରୁଲ୍ କୁରଆନ୍ , ଅନୱାରୁଲ୍ ଉଲୁମ୍ ଖ-୨୦ ପୃ-୩୧୭-୩୧୯) ଦିବାଚା ତଫସୀରୁଲ୍ କୁରଆନ୍ ରେ ଏହି ବ୍ୟାଖ୍ୟା ହଜରତ୍ ମୁସଲେହ୍ ମଉଦ୍ ର ଅ ଲେଖିଛନ୍ତି ।

ବାଜାନର ଦେହାନ୍ତ ହେବାପରେ ରସୁଲୁଲ୍ଲାଃ ସ ଆ ସ ନିଜ ଅମୀରମାନଙ୍କୁ ୟମନର ବିଭିନ୍ନ ଅଂଚଳରେ ଆମିଲ୍ ଦାୟିତ୍ୱରେ ନିଯୁକ୍ତି ପ୍ରଦାନ କଲେ । ମୁଆଜ୍ ବିନ୍ ଜବଲ ୟମନ ଏବଂ ହଜରମୌତ୍ ର ଏହି ସମସ୍ତ ଅଂଚଳରେ ପ୍ରଶିକ୍ଷଣର ଦାୟିତ୍ୱ ନିର୍ବାହ କଲେ । ତେଣୁ ସେ ଏହି ସମସ୍ତ ଇଲାକାକୁ ପରିଦର୍ଶନ କରୁଥିଲେ । ଅସୱଦ୍ ଯିଏ ଜଣେ ପୁରୋହିତ ଥିଲା ଏବଂ ୟମନର ଦକ୍ଷିଣ ଭାଗରେ ରହୁଥିଲା ,ସେ ତା ଯାଦୁଗରି ଏବଂ ବାକଚାତୁରୀ ତଥା ମନ ମୋହି ନେଉଥିବା ଭାଷଣ ହେତୁ ବହୁତ ଶୀଘ୍ର ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିନେଉଥିଲା । ପୁଣି ସେ ନିଜେ ନବୁୱତର ଦାବି ମଧ୍ୟ କରିଥିଲା । ସେ ଲୋକମାନଙ୍କ ଉପରେ ଏହା ପ୍ରକାଶ କରୁଥିଲା ଯେ ତା ନିକଟକୁ ଜଣେ ଫରିସ୍ତା (ଦେବଦୂତ) ଆସୁଛନ୍ତି ଏବଂ ସବୁ କଥା ତାକୁ ବତାଇ ଦେଉଛନ୍ତି ଏବଂ ତା ଶତୃମାନଙ୍କ ଯୋଜନା ବିଷୟରେ ଓ ସେମାନଙ୍କ ଗୁପ୍ତ ରହସ୍ୟ ବିଷୟରେ ତାକୁ ଖବର ଦେଉଛନ୍ତି । ତାର ଏହି କଥାରେ ସାଧା,ସରଳ ଏବଂ ଅଜ୍ଞ ଲୋକମାନେ ବହୁ ସଂଖ୍ୟାରେ ତା ନିକଟରେ ଏକାଠି ହୋଇଯାଉଥିଲେ । ବାସ୍ତବିକ ଅସୱଦ୍ ଅନସୀ ଏହି ସ୍ଲୋଗାନ୍ ମଧ୍ୟ ଦେଉଥିଲା ଯେ ୟମନ କେବଳ ୟମନବାସୀଙ୍କର । ସୁତରାଂ ୟମନର ବାସିନ୍ଦା ମାନେ ଏହି ଜାତିୟବାଦର ଏହି ସ୍ଲୋଗାନ ଦ୍ୱାରା ବହୁତ ପ୍ରଭାବିତ ହେଲେ । ଏହି ସ୍ଲୋଗାନ ବହୁତ ପୁରୁଣା ,ଆଜି ବି ଏହି ସ୍ଲୋଗାନ ବ୍ୟବହାର କରାଯାଉଅଛି । ଏ ଦୁନିଆରେ ଯେଉଁ ବିଭ୍ରାଟ ଏବଂ ଦୁର୍ନୀତି ଏବେ ବ୍ୟାପିଚାଲିଛି ,ତାହା ଏହି କାରଣରୁ ହିଁ ହେଉଅଛି । ଯେହେତୁ ଏପର୍ଯ୍ୟନ୍ତ ୟମନରେ ସମ୍ପୂର୍ଣ୍ଣ ରୂପେ ଇସଲାମ୍ ସ୍ଥାପିତ ହୋଇନଥିଲା ସେଇଥିପାଇଁ ତାର ବାସିନ୍ଦାମାନେ ବିଦେଶୀ ଶାସନରୁ ମୁକ୍ତ ହେବାପାଇଁ ଅସୱଦ୍ ଦେଇଥିବା ଜାତିୟତାବାଦର ସ୍ଲୋଗାନ ଉପରେ ଲବବେକ୍ କହିଲେ ଏବଂ ତା ସହିତ ଯାଇ ମିଶିଗଲେ ।

ଯେତେବେଳେ ଏହି ଭୟାନକ ଖବର ମଦିନାରେ ପହଂଚିଲା ,ସେତେବେଳେ ଅଲ୍ଲାଃଙ୍କ ଦୂତ ହଜରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ ଆ ସ ମୌତା ଯୁଦ୍ଧରେ ଶହୀଦ ହୋଇଥିବା ମୁସଲମାନମାନଙ୍କର ପ୍ରତିଶୋଧ ନେବାପାଇଁ ଏବଂ ଉତର ପ୍ରାନ୍ତରୁ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ହଜରତ୍ ଉସାମା ବିନ୍ ଜୈଦ୍ ର ଅ ସୈନ୍ୟବାହିନୀର ପ୍ରସ୍ତୁତିରେ ନିୟୋଜିତ ଥିଲେ । ଆପଣ ସ ଆ ସ ୟମନର ସର୍ଦ୍ଦାରମାନଙ୍କ ନିକଟକୁ ବାର୍ତା ପଠାଇଲେ ଯେ ସେ ନିଜ ସାମର୍ଥ୍ୟ ଅନୁସାରେ ନିଜେ ନିଜେ ଅସୱଦ୍ ଅନସୀ ସହିତ ଯୁଦ୍ଧ ଜାରି ରଖିଥାନ୍ତୁ ଏବଂ ଯେଉଁ କ୍ଷଣି ଉସାମାଙ୍କ ସୈନ୍ୟବାହିନୀ ବିଜୟ ପ୍ରାପ୍ତ କରି ଲେଉଟିବେ ସେମାନଙ୍କୁ ୟମନ ଆଡ଼କୁ ପଠାଇଦିଆଯିବ ।**(ଅଲକାମିଲ୍ ଫିତ୍ ତାରିଖ୍ ଖ-୦୨ ପୃ-୨୦୧ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍) (ସିରତ୍ ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଅବୁଲ୍ ନସର୍ ମୁତରଜିମ୍ ପୃ-୫୭୧)**

ଅସୱଦ୍ ଅନସୀ ର ସେନାରେ ସାତ ଶହ ଅଶ୍ୱାରୋହୀ ଥିଲେ । ସେ ଏକ ବିରାଟ ସୈନ୍ୟବାହିନୀ ଗଠନ କରିଥିଲା । ତା ବ୍ୟତୀତ ଓଟ ଆରୋହୀମାନେ ବି ତା ସେନାରେ ଥିଲେ । ପରେ ତାର ଶକ୍ତି ଅଧିକା ଶକ୍ତିଶାଳୀ ହୋଇଚାଲିଲା । ମୁଦହିଜ୍ କବିଲାରେ ତାର ଉତରାଧିକାରୀ ଥିଲେ ଅମରୋ ବିନ୍ ମାଅଦି କର୍ବି ଥିଲା । ଅମରୋ ବିନ୍ ମାଅଦି କର୍ବି ୟମନର ପ୍ରଶିଦ୍ଧ ଅଶ୍ୱାରୋହୀ ଥିଲା । ସେ ଜଣେ କବି ଏବଂ ବକ୍ତା ବି ଥିଲା । ତାର କୁନିୟତ୍ (ଉପନାମ) ଅବୁ ସୌର୍ ଥିଲା । ଦଶ ହିଜରୀରେ ସେ ତା କବିଲା ବନୁ ଜୁବୈଦ୍ ର ପ୍ରତିନିଧିମାନଙ୍କ ଦଳ ସହିତ ଆସି ଆଁ ହଜରତ୍ ସ ଆ ସଙ୍କ ନିକଟରେ ଉପସ୍ଥିତ ହୋଇ ଇସଲାମ୍ ଗ୍ରହଣ କରିନେଇଥିଲା । ପୁଣି ସେ ମହାଭାଗ ସ ଆ ସଙ୍କ ଦେହାନ୍ତ ପରେ ମୁରତଦ୍ ହୋଇଗଲା । କିନ୍ତୁ ପରେ ସେ ସତ୍ୟ ଆଡ଼କୁ ଚାଲିଆସିଥିଲା । କାଦିସିୟା ଯୁଦ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ହଜରତ୍ ଉମର୍ ର ଅଙ୍କ ଖିଲାଫତ୍ କାର୍ଯ୍ୟକାଳର ଶେଷ ଆଡ଼କୁ ସେ ମୃତ୍ୟୁ ବରଣ କରିଥିଲେ । **(ଅଲକାମିଲ୍ ଫିତ୍ ତାରିଖ୍ ଖ-୦୨ ପୃ-୨୦୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍) (ତାରିଖେ ଅଦବ୍ ଆରବୀ ମୁତରଜିମ୍ ପୃ-୬୭-୬୮ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ସେ ଯାହା ବି ହେଉ ଏହା ଉଲ୍ଲେଖ ରହିଛି ଯେ ଅସୱଦ୍ ଅନସୀ ପ୍ରଥମେ ନଜରାନବାସୀଙ୍କ ଉପରେ ଆକ୍ରମଣ କରି ହଜରତ୍ ଅମରୋ ବିନ୍ ହଜମ୍ ର ଅ ଏବଂ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ସେଠାରୁ ବାହାର କରିଦେଲା । ତା ପରେ ସେ ସନାଅ ଉପରେ ଆକ୍ରମଣ କଲା । ସେଠାରେ ହଜରତ୍ ଶହର୍ ବିନ୍ ବାଜାନ୍ ର ଅ ତା ସହିତ ଯୁଦ୍ଧ କଲେ କିନ୍ତୁ ଶହୀଦ୍ ହୋଇଗଲେ । ହଜରତ୍ ମୁଆଜ୍ ବିନ୍ ଜବଲ୍ ର ଅ ସେତେବେଳେ ସନାଅଠାରେ ହିଁ ଥିଲେ ,କିନ୍ତୁ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ହଜରତ୍ ଅବୁ ମୁସା ର ଅ ଙ୍କ ନିକଟକୁ ମାଆରିବ୍ ଚାଲିଗଲେ,ଯେଉଁଠାରୁ ଦୁହେଁ ହଜରେମୌତ୍ ଚାଲିଗଲେ । ଏହିପରି ଭାବରେ ଅସୱଦ୍ ଅନସୀ ୟମନର ସମଗ୍ର ଅଂଚଳକୁ ଦଖଲ କରିନନେଲା । ଅସୱଦ୍ ଅନସୀ ହଜରତ୍ ଶହର୍ ବିନ୍ ବାଜାନ୍ ର ଅ ଙ୍କ ଶହୀଦ୍ ହେବା ପରେ ତାଙ୍କ ପତ୍ନୀଙ୍କ ସହିତ ଜୋର ଜବରଦସ୍ତି ବିବାହ କରିନେଲା । ସେହି ମହିଳାଙ୍କ ନାମ “ମରଜୁବାନାଃ” ଥିଲା ବା କେତେକ ପୁସ୍ତକ ଅନୁଯାୟୀ “ଆଜାଦ”ଥିଲା । ଇତି ମଧ୍ୟରେ ହଜରେମୌତ୍ ଏବଂ ୟମନର ମୁସଲମାନ୍ ମାନଙ୍କ ନିକଟରେ ରସୁଲୁଲ୍ଲାଃ ସ ଆ ସ ଙ୍କ ଚିଠି ପହଂଚିଲା,ଯେଉଁଥିରେ ସେମାନଙ୍କୁ ଅସୱଦ୍ ଅନସୀ ସହିତ ଯୁଦ୍ଧ କରିବା ପାଇଁ ଆଦେଶ ଦିଆଯାଇଥିଲା । ଅତଃ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ହଜରତ୍ ମୁଆଜ୍ ବିନ୍ ଜବଲ୍ ର ଅ ଉଠିଲେ । ଏହାଦ୍ୱାରା ମୁସଲମାନମାନଙ୍କ ହୃଦୟ ଦୃଢ଼ ହୋଇଗଲା । ଜିଶ୍‌ନସ୍ ଦୈଲେମୀ କୁହନ୍ତି ଯେ ୱବର୍ ବିନ୍ ୟୁହାନ୍‌ସି ରସୁଲୁଲ୍ଲାଃ ସ ଅ ସଙ୍କ ଚିଠି ନେଇ ଆମ ନିକଟକୁ ଆସିଥିଲେ । କେତେକ ସ୍ଥାନରେ ଜିଶ୍‌ନସ୍ ଦୈଲେମୀର ନାମ ଜୁଶୈଶ୍ ଦଲେମୀ ବି ଲେଖା ହୋଇଛି । ସେ ଯାହା ବି ହେଉ ଇଏ ସେହି ଲୋକମାନଙ୍କ ମଧ୍ୟରେ ସାମିଲ ଥିଲେ ,ଯେଉଁମାନଙ୍କୁ ରସୁଲୁଲ୍ଲାଃ ସ ଅ ସ ଅସୱଦ୍ ଅନସୀକୁ ବଧ କରିବା ପାଇଁ ୟମନ ଚିଠି ଲେଖିଥିଲେ ଏବଂ ସେମାନେ ଫୈରୋଜ୍ ଓ ଦାନୁୱେୟା ସହିତ ମିଶି ତାକୁ ବଧ କରିଥିଲେ । **(ଅଲକାମିଲ୍ ଫିତ୍ ତାରିଖ୍ ଖ-୦୨ ପୃ-୨୦୧,୨୦୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍) (ଉସଦୁଲ୍ ଗାବାଃ ଭା-୦୧ ପୃ-୫୩୫,ଭା-୦୨ ପୃ-୬୪୩ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ମଦାରିଜୁନ୍ ନବୁୱାଃ ଖ-୦୨ ପୃ-୪୭୪ ଶବିର ବିରାଦରସ୍ ଲାହୋର୍ ୨୦୦୪)**

ୱବର୍ ବିନ୍ ୟୁହାନ୍‌ସି ଙ୍କ ନାମ ୱବରାଃ ବିନ୍ ୟୁହାନ୍‌ସି ମଧ୍ୟ ଉଲ୍ଲେଖ ରହିଛି । ସେ ଅବନାଏ ୟମନମାନଙ୍କ ମଧ୍ୟରୁ ଥିଲେ ଏବଂ ଦଶ ହିଜରୀରେ ସେ ରସୁଲୁଲ୍ଲାଃ ସ ଅ ସଙ୍କ ଗୋଚରେ ହାଜିର ହୋଇ ଇସଲାମ୍ ଗ୍ରହଣ କରିଥିଲେ । ସେ କୁହନ୍ତି ଯେ ସେହି ଚିଠିରେ ରସୁଲୁଲ୍ଲାଃ ସ ଅ ସ ଆମ ନିକଟକୁ ଏ ଆଦେଶ ଦେଇଥିଲେ ଯେ ଆମେ ଆମ ଧର୍ମ ଉପରେ ପ୍ରତିଷ୍ଠିତ ରହିବୁ ଏବଂ ଲଢେଇ କରି ବା କୌଣସି ଆଳ ଦେଖାଇ ଅସୱଦ ବିରୁଦ୍ଧରେ ଯୁଦ୍ଧ କରିବୁ । ତତସହିତ ଆମେ ରସୁଲୁଲ୍ଲାଃ ସ ଅ ସଙ୍କ ବାର୍ତାକୁ ଏପରି ଲୋକମାନଙ୍କ ନିକଟରେ ବି ପହଂଚାଇବୁ ଯେଉଁମାନେ ବର୍ତମାନ ଇସଲାମ୍ ଉପରେ ପ୍ରତିଷ୍ଠିତ ଅଛନ୍ତି ଏବଂ ଧର୍ମକୁ ସାହାଯ୍ୟ କରିବା ପାଇଁ ଆଗ୍ରହ ରଖିଛନ୍ତି । ଆମେମାନେ ଏଥି ମୁତାବକ କାମ କଲୁ କିନ୍ତୁ ଦେଖିଲୁଁ ଯେ ଅସୱଦ୍ ବିରୁଦ୍ଧରେ ସଫଳ ହେବା ବହୁତ କଷ୍ଟକର ବ୍ୟାପାର । **(ତାରିଖେ ତିବରୀ ଖ-୦୨ ପୃ-୨୪୮ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)(ତବକାତୁଲ୍ କୁବରା ଖ-୦୬ ପୃ-୬୨-୬୩ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୭)(ଉସଦୁଲ୍ ଗାବାଃ ଖ-୦୨ ପୃ-୪୦୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ ୨୦୧୬)**

ଜିଶ୍‌ନସ୍ ଦୈଲେମୀ ବର୍ଣ୍ଣନା କରନ୍ତି ଯେ ଆମକୁ ଗୋଟିଏ କଥା ଜଣାପଡ଼ିଲା ଯେ ଅସୱଦ୍ ଏବଂ କୈସ୍ ବିନ୍ ଅବ୍‌ଦେ ୟାଗୁସ୍ ମଧ୍ୟରେ କିଛି ମତାନ୍ତର ସୃଷ୍ଟି ହୋଇଯାଇଥିଲା । ଆପୋଷରେ ମତଭେଦ ସୃଷ୍ଟି ହୋଇଯାଇଛି ବା କିଛିଟା ଅସନ୍ତୋଷ ଦେଖାଦେଇଛି । ତେଣୁ ଆମେ ଭାବିଲୁ ଯେ କୈସ୍ ବିନ୍ ଅବ୍‌ଦେ ୟାଗୁସ୍‌ଙ୍କ ଜୀବନ ବିପଦରେ ଅଛି ।

କୈସ୍ ବିନ୍ ଅବ୍‌ଦେ ୟାଗୁସଙ୍କ ନାମ ଏବଂ ବଂଶ ବିଷୟରେ ମତଭେଦ ରହିଛି । ଗୋଟିଏ କଥନ ଅନୁସାରେ ତାଙ୍କର ନାମ ହୁବୈରାଃ ବିନ୍ ଅବଦେ ୟାଗୁସ୍ ଥିଲା । ପୁଣି ଏହା ବି କୁହାଯାଏ ଯେ ତାଙ୍କ ନାମ ଅବ୍‌ଦେ ୟାଗୁସ ବିନ୍ ହୁବୈରାଃ ଥିଲା । ସେ ଯାହା ବି ହେଉ ଅବୁ ମୁସାଙ୍କ କହିବା ଅନୁସାରେ ତାଙ୍କ ନାମ କୈସ୍ ବିନ୍ ଅବ୍‌ଦେ ୟାଗୁସ ବିନ୍ ମକଶୁହ୍ ଥିଲା । ଆଉ ଏକ କଥନ ଅନୁଯାୟୀ ସେ ସାହାବି ଥିଲେ । ଯେବେକି ଅନ୍ୟ ଏକ କଥନ ଅନୁସାରେ ତାଙ୍କୁ ନବି କରିମ୍ ସ ଆ ସ ଙ୍କ ସହିତ ସାକ୍ଷାତ କରିବାର ତଥା ଆପଣ ସ ଆ ସଙ୍କଠାରୁ କଥନ ବର୍ଣ୍ଣନା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ଅସୱଦ୍ ଅନସୀକୁ ହତ୍ୟା କରିଥିବା ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଓ ସେ ଅମରୋ ବିନ୍ ମାଆଦି କରିବ୍‌ଙ୍କ ଭଣଜା ଥିଲେ । ସେ ୟମନରେ ମୁରତଦ୍ ହୋଇଯାଇଥିବା ଲୋକମାନଙ୍କ ମଧ୍ୟରେ ବି ସାମିଲ୍ ଥିଲେ । କିନ୍ତୁ ପରେ ଇସଲାମ୍ ଆଡ଼କୁ ଫେରିଆସିଥିଲେ । ଇରାକ୍ ବିଜୟ ଏବଂ କାଦିସିୟା ଯୁଦ୍ଧରେ ତାଙ୍କ ନାମ ବହୁତ ଉଲ୍ଲେଖନୀୟ ଭାବରେ ବର୍ଣ୍ଣିତ ଅଛି । ସେ ନିହାୱନ୍ଦ ଯୁଦ୍ଧରେ ସାମିଲ ଥିଲେ ଏବଂ ସିଫଫିନ୍ ଯୁଦ୍ଧରେ ହଜରତ୍ ଅଲୀ ର ଅ ଙ୍କ ସହିତ ଯାଇ ଶହୀଦ ହୋଇଥିଲେ । ଜିଶନସ୍ ଦୈଲେମୀ କୁହନ୍ତି ଯେ ଆମେ କୈସ୍‌ଙ୍କୁ ଇସଲାମ୍ ଆଡ଼କୁ ଆସିବା ପାଇଁ ଆମନ୍ତ୍ରଣ କଲୁ ଏବଂ ତାଙ୍କୁ ଆଁହଜରତ୍ ସ ଅ ସଙ୍କ ବାର୍ତା ଦେଲୁ । ତାଙ୍କୁ ଏମିତି ଲାଗୁଥିଲା ସତେ ଯେମିତି ଆମେ ଆକାଶରୁ ଓହ୍ଲାଇଆସିଛୁ । ଅତଃ ସେ ତୁରନ୍ତ ଆମ ସହିତ ସହମତି ପ୍ରକାଶ କରି ଆମ କଥାକୁ ମାନିଗଲେ । ସେହିପରି ଆମେ ଅନ୍ୟ ଲୋକମାନଙ୍କ ସହିତ ମଧ୍ୟ ଯୋଗା ଯୋଗ କଲୁ । ବିଭିନ୍ନ ଜନଜାତିର ସର୍ଦ୍ଦାରମାନେ ମଧ୍ୟ ଅସୱଦ ସହିତ ମୁକାବିଲା

(ଯୁଦ୍ଧ)କରିବା ପାଇଁ ପ୍ରସ୍ତୁତ ହୋଇସାରିଥିଲେ । ସେମାନେ ଆମକୁ ଚିଠି ମାଧ୍ୟମରେ ସାହାଯ୍ୟ କରିବାକୁ ପ୍ରତିଶୃତି ଦେଲେ । ଆମେ ସେମାନଙ୍କୁ ଉତର ଦେଇ ଲେଖିଲୁ ଯେ ଯେପର୍ଯ୍ୟନ୍ତ ଆମେ ଚୁଡ଼ାନ୍ତ ନିଷ୍ପତି ନେଇ ଚିଠି ନ ଲେଖିଛୁ ସେପର୍ଯ୍ୟନ୍ତ ସେମାନେ ନିଜ ସ୍ଥାନରୁ ହଲିବେ ନାହିଁ । କାରଣ ରସୁଲେ କରିମ୍ ସ ଆ ସ ଙ୍କ ବାର୍ତା ପହଂଚିବା ପରେ ଅସୱଦ୍ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଅନିର୍ବାଯ୍ୟ ହୋଇପଡ଼ିଥିଲା । ସେହିପରି ରସୁଲେ କରିମ୍ ସ ଆ ସ ନଜ୍‌ରାନର ସମସ୍ତ ଅଧିବାସୀଙ୍କୁ ଅସୱଦ୍ ପ୍ରସଙ୍ଗରେ ଲେଖିଥିଲେ । ସେମାନେ ଆପଣ ସ ଆ ସଙ୍କ କଥାକୁ ମାନିନେଇଥିଲେ । ଯେତେବେଳେ ଏହି ସୂଚନା ଅସୱଦ୍ ନିକଟରେ ପହଂଚିଲା ,ତାକୁ ତା ବିନାଶ ହେବାର ଦୃଶ୍ୟ ଦେଖାଦେଲା । ଜିଶିନସ୍ ଦୈଲମୀ କୁହନ୍ତି ଯେ ମୁଁ ଗୋଟିଏ ଉପାୟ ପାଂଚିଲି । ଅତଃ ମୁଁ ଅସୱଦ୍ ର ପତ୍ନୀ ଆଜାର ନିକଟରେ ଯାଇ ପହଂଚିଲି ,ସେ ଶହର୍ ବିନ୍ ବାଜାନ୍ ଙ୍କ ବିଧବା ପତ୍ନୀ ଥିଲେ ଏବଂ ଶହର୍ ବିନ୍ ବାଜାନଙ୍କୁ ମାରିବା ପରେ ଅସୱଦ୍ ତାଙ୍କୁ ବିବାହ କରିଥିଲା । ମୁଁ ତାଙ୍କୁ ଅସୱଦ୍ ହାତରେ ତାଙ୍କ ପ୍ରଥମ ସ୍ୱାମୀ ହଜରତ୍ ଶହର୍ ବିନ୍ ବାଜାନଙ୍କର ଶହୀଦ ହେବା କଥା ସେହିପରି ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ହତ୍ୟା କରାଯିବା ବିଷୟ ତଥା ତାଙ୍କ ପରିବାର ଉପରେ କରାଯାଇଥିବା ଅତ୍ୟାଚାର ଏବଂ ଅସମ୍ମାନ ବିଷୟରେ ମନେ ପକାଇଦେଲି । ପୁଣି ତାଙ୍କୁ ଅସୱଦ୍ ବିରୁଦ୍ଧରେ ଆମକୁ ସାହାଯ୍ୟ କରିବା ପାଇଁ କହିଲି । ସୁତରାଂ ସେ ବହୁତ ଖୁସିରେ ପ୍ରସ୍ତୁତ ହୋଇଗଲେ ଏବଂ ସେ କହିଲେ ଯେ ଅଲ୍ଲାଃଙ୍କ ରାଣ ! ମୁଁ ଅସୱଦ୍‌କୁ ଇଶ୍ୱରଙ୍କ ସମସ୍ତ ସୃଷ୍ଟି ମଧ୍ୟରେ ସବୁଠାରୁ ଖରାପ ମନେ କରୁଛି । ସେ (ଅର୍ଥାତ୍ ଅସୱଦ୍)ଅଲ୍ଲାଃଙ୍କ ପ୍ରତି ଥିବା କୌଣସି ଅଧିକାରକୁ ସମ୍ମାନ କରୁନାହିଁ କି ଅଲ୍ଲାଃଙ୍କ ଦ୍ୱାରା ଅବୈଧ କରାଯାଇଥିବା କୌଣସି ଜିନିଷରୁ ଦୂରେଇ ରହୁନାହିଁ । ତେଣୁ ତୁମେ ଯେବେ ଏହି କାମ କରିବାକୁ ମନସ୍ଥ କରିବ ମତେ ଜଣାଇବ । ମୁଁ ଏ ମାମଲାରେ କୌଣସି ନା କୌଣସି ଉପାୟ ପାଂଚିବି । ପରିଶେଷରେ ଗୋଟିଏ ପୂର୍ଣ୍ଣ ଯୋଜନା କରି ଅସୱଦ୍ ଅନସୀର ସେହି ପତ୍ନୀଙ୍କ ସାହାଯ୍ୟ ସହଯୋଗରେ ଅସୱଦ୍ ଅନସୀକୁ ଗୋଟିଏ ରାତିରେ ତା ନିଜ ମହଲ ଭିତରେ ପ୍ରବେଶ କରି ବଧ କରିଦିଆଗଲା । ଯେବେ ସକାଳ ହେଲା ,କିଲ୍ଲାର କାନ୍ଥ ଉପରେ ଛିଡ଼ା ହୋଇ ଏହି ସ୍ୱତନ୍ତ୍ର ସଂକେତ ସହିତ ଗୋଟିଏ ଆବାଜ ମରାଗଲା ଯେ ମୁରତଦ୍ ବିଦ୍ରୋହୀ ଅସୱଦ୍ ନିଜର ଶେଷ ପରଣାମ ପାଇସାରିଛି । ମୁସଲମାନମାନେ ଏବଂ କାଫିର୍ (ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ବିଶ୍ୱାସ ନ ଆଣିଥିବା ଲୋକେ) ଦୂର୍ଗର ଚାରିପଟେ ଛିଡ଼ା ହୋଇ ଏକତ୍ରିତ ହୋଇଗଲେ । ତାପରେ ସେ ସକାଳ (ଫଜର)ର ଆଜାନ୍ ଦେଲେ ଏବଂ କହିଲେ ଅଶହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ ଅର୍ଥାତ୍ ମୁଁ ସାକ୍ଷ୍ୟ ଦେଉଅଛି ଯେ ମୁହମ୍ମଦ୍ ସ ଆ ସ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ । ଅସୱଦ୍ ଅନସୀ ମିଥ୍ୟାବାଦୀ ଥିଲା । ତାପରେ ସେ ଲୋକମାନଙ୍କ ସମ୍ମୁଖରେ ତାର (ଅର୍ଥାତ୍ ଅସୱଦ୍ ଅନସୀ ର) କଟା ମୁଣ୍ଡଟିକୁ ଫିଙ୍ଗିଦେଲେ । ସେହିଭଳି ଗୋଟିଏ କଥନ ମୁତାବକ ସେହି ଫିତନା (ବିଭ୍ରାଟ) ତିନି ମାସ ପର୍ଯ୍ୟନ୍ତ ଆଉ ଏକ କଥନ ମୁତାବକ ଚାରି ମାସ ପର୍ଯ୍ୟନ୍ତ ଭଡ଼କିଥିଲା ପୁଣି ତାହା ଥମି ଗଲା ଏବଂ ସମସ୍ତ ଅଧିକାରୀ ଏବଂ ସମସ୍ତ ଅମୀରମାନେ ନିଜ ନିଜର ଇଲାକାରେ ପୂର୍ବବତ୍ ନିଜ ନିଜର କର୍ମରେ ବ୍ୟସ୍ତ ରହିଲେ । ହଜରତ୍ ମୁଆଜ୍ ବିନ୍ ଜବଲ୍ ସେମାନଙ୍କର ଇମାମତ୍ (ନେତୃତ୍ୱ) କରୁଥିଲେ । ଅସୱଦ୍ ଅନସୀକୁ ବଧ କରାଯିବା , ତା ସେନାବାହିନୀ ପରାସ୍ତ ହେବା ଏବଂ ତା ଦ୍ୱାରା କରାଯଅଇଥିବା ବିଦ୍ରୋହର ପରିସମାପ୍ତିର ଖବର ଯେତେବେଳେ ଆଁହଜରତ୍ ସ ଆ ସ ଙ୍କ ନିକଟକୁ ପଠାଇଦିଆଗଲା ,ତାହା ପହଂଚିବା ପୂର୍ବରୁ ମହାଭାଗ ସ ଆ ସ ଙ୍କ ଦେହାନ୍ତ ହୋଇସାରିଥିଲା । ଆଉ ଗୋଟିଏ ରିୱାୟତ୍ ରେ ଉଲ୍ଲେଖ ରହିଛି ଯେ ଅଲ୍ଲାଃ ତାଲା ମହାଭାଗ ସ ଆ ସଙ୍କ ଦେହାନ୍ତ ପୂର୍ବରୁ ଅସୱଦ୍ ଅନସୀକୁ ହତ୍ୟା କରାଯିବାର ଖବର ଐଶିବାଣୀ ଜରିଆରେ ସେହି ଦିନ ରାତିରେ ଜଣାଇଦେଇଥିଲେ । ଯେଉଁ ରାତିରେ ତାକୁ ବଧ କରାଯାଇଥିଲା । ସୁତରାଂ ମହାଭାଗ ସ ଆ ସ ସେହି ଖବର ବିଷୟରେ ସାହାବା ମାନଙ୍କୁ ଅବଗତ କରିଦେଇଥିଲେ ଏବଂ ଏକଥା ମଧ୍ୟ ବତାଇଦେଇଥିଲେ ଯେ ତାକୁ ଫୈରୋଜ୍ ହତ୍ୟା କରିଛି । ହଜରତ୍ ଅବୁ ବକର୍ ର ଅ ଖିଲାଫତ୍‌ର ଦାୟିତ୍ୱ ଗ୍ରହଣ କରିବା ପରେ ସର୍ବପ୍ରଥମେ ଯେଉଁ ସୁସମାଚାର ମିଳିଥିଲା,ତାହା ଥିଲା ଅସୱଦ୍ ଅନସୀକୁ ହତ୍ୟା କରାଯିବାର ଖବର । ଅସୱଦ୍ ଅନସୀକୁ ହତ୍ୟା କରାଯିବାର ଖବର ଯେଉଁ ରାତିରେ ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟରେ ପହଂଚିଲା,ସେହି ଦିନ ସକାଳେ ମହାଭାଗ ସ ଆ ସଙ୍କର ଦେହାନ୍ତ ହୋଇଗଲା । ଗୋଟିଏ ରିୱାୟତ୍ (କଥନ/ ବର୍ଣ୍ଣନା) ଅନୁସାରେ ଯେବେ ଅସୱଦ୍ ଅନସୀକୁ ବଧ କରାଯିବାର ଖବର ଆଣିଥିବା ବ୍ୟକ୍ତି ମଦିନା ଆସିଲା, ସେତେବେଳେ ଆଁହଜରତ୍ ସ ଆ ସ ଙ୍କୁ କବର ଦିଆଯାଉଥିଲା । ଆଉ ଏକ ରିୱାୟରେ ଆସିଛି ଯେ ଅସୱଦ୍ ଅନସୀକୁ ବଧ କରାଯିବାର ଖବର ଆଁହଜରତ୍ ସ ଆ ସଙ୍କ ଦେହାନ୍ତ ହେବାର ଦଶ ବାର ଦିନ ପରେ ମଦିନାରେ ପହଂଚିଥିଲା । ସେତେବେଳକୁ ହଜରତ୍ ଅବୁ ବକର୍ ର ଅ ଖଲିଫା ନିର୍ବାଚିତ ହୋଇସାରିଥିଲେ । ଏ ପ୍ରସଙ୍ଗରେ ବିଭିନ୍ନ ରିୱାୟତମାନ ରହିଛି କିନ୍ତୁ ସେ ଯାହା ବି ହେଉ ଏହା ପ୍ରାୟ ସେହି ଦିନମାନଙ୍କରେ ,ଆଠ ଦଶ ଦିନ ପୂର୍ବରୁ କିମ୍ବା ପରର ଘଟଣା ଥିଲା ।

ଅସୱଦ୍ ଅନସୀକୁ ବଧ କରାଯିବା ପରେ ସନାଅଠାରେ ପୂର୍ବବତ୍ ମୁସଲମାନ୍ ମାନଙ୍କ ହୁକୁମତ୍ (ରାଜତ୍ୱ) ପ୍ରତିଷ୍ଠା ହୋଇଗଲା । **(ଅଲଅସାବାଃ ଫି ତମିଜିଲ୍ ସାହାବାଃ ଖ-୦୫ ପୃ-୪୦୪-୪୦୫ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)(ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ ଅଜ୍ ଖୁରଶିଦ୍ ଅହେମଦ୍ ଫାରକ୍ ପୃ-୬୦ ମୁଦ୍ରିତ ଜାୱେଦ୍ ବର୍ଙ୍ଗ ପ୍ରେସ୍)(ଅଲକାମିଲ୍ ଫିତ୍ ତାରିଖ୍ ଲେଇବନେ ଅସୀର୍ ଖ-୦୨ ପୃ-୨୦୧-୨୦୪ ଜିକ୍ର୍ ଅଖବାରୁଲ୍ ଅସୱଦ୍ ଅଲଅନସୀ ବିଲ୍ ୟମନ୍ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୬)(ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୦୧ ମୁତରଜିମ୍ ଶମିମ୍ ଅହେମଦ୍ ଖଲିଲ୍ ସଲ୍‌ଫି)**

କିନ୍ତୁ ୟମନରେ ପୁଣି ଆଉଥରେ ବିଦ୍ରୋହର ବହ୍ନି ଜଳିଉଠିଲା ।

ରସୁଲୁଲ୍ଲାଃ ସ ଆ ସଙ୍କ ଦେହାନ୍ତ ବିଷୟରେ ଯେବେ ୟମନରେ ଚର୍ଚ୍ଚା ହେଲା ,ସେତେବେଳେ ସୁଧୁରିଯାଇଥିବା ପରିସ୍ଥିତି ପୁଣି ଖରାପ ହୋଇଗଲା । କୈସ୍ ବିନ୍ ଅବଦେ ୟାଗୁସ୍ ଯିଏ ଫୈରୁଜ୍ ଏବଂ ଦାନୁୱେୟା ସହିତ ମିଶି ଅସୱଦ୍ ବିରୁଦ୍ଧରେ ବିଦ୍ରୋହ କରିଥିଲା ଏବଂ ଯିଏ ସେମାନଙ୍କ ସହଯୋଗରେ ଅସୱଦକୁ ହତ୍ୟା କରିଥିଲା,ଏବେ ପୁଣି ସେ ଇସଲାମରୁ ବିମୁଖ ହୋଇଗଲା । ସେ ଜଣେ ଯୋଗ୍ୟ ଏବଂ ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ଜାତିୟତାବାଦରେ ପରିପୂର୍ଣ୍ଣ ଥିଲେ । ୟମନରେ ପାରସ୍ୟର ଶକ୍ତି ତାଙ୍କୁ ସବୁବେଳେ ବିଚଳିତ କରୁଥିଲା । ତାହାର ପରିସମାପ୍ତି ପରେ ସେ ଅବନାଆର ସମୃଦ୍ଧି ଏବଂ ସେମାନଙ୍କ ସାମୂହିକ ତଥା ଅର୍ଥନୈତିକ ଉନ୍ନତିକୁ ମାଟିରେ ମିଶାଇଦେବାକୁ ଚାହୁଁଥିଲା । ସେ ଜଣେ ସଫଳ ସାମରିକ ଲିଡ଼ର ପୂର୍ବରୁ ତ ଥିଲା ତେଣୁ ସେ ଅସୱଦ୍‌ର ସାମରିକ ଅଧିକାରୀମାନଙ୍କ ସହିତ ଷଡ଼ଯନ୍ତ୍ର କଲା ଏବଂ ଅବନାଆକୁ ଦେଶରୁ ବିତାଡ଼ିତ କରିବାକୁ ଯୋଜନା କରିଥିଲା । ଫୈରୁଜ୍ ଏବଂ ଦାଜୁୟା ଉଭୟଙ୍କ ସହିତ ସମ୍ପର୍କ ନଷ୍ଟ କରିଦେଇଥିଲା । ଦାଜୁୟିୟା କୁ ଧୋକା ଦେଇ ହତ୍ୟା କରିଦେଲା । ଫୈରୁଜ୍ ମରୁ ମରୁ ବଂଚିଗଲା । ଫୈରୁଜ୍ ହଜରତ୍ ଅବୁ ବକର୍ ର ଅଙ୍କୁ ନିଜର ଏବଂ ଅବନାଆର ବିଶ୍ୱସ୍ତତା ବିଷୟରେ ଅବଗତ କରାଇ ଦରଖାସ୍ତ କଲେ ଯେ ଆମକୁ ସାହାଯ୍ୟ କରନ୍ତୁ । ଆମେ ଇସଲାମ୍ ପାଇଁ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବାକୁ ପ୍ରସ୍ତୁତ ଅଛୁ । **(ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ ଅଜ୍ ଖୁରଶିଦ୍ ଅହେମଦ୍ ଫାରକ୍ ପୃ-୬୦-୬୧ ମୁଦ୍ରିତ ଜାୱେଦ୍ ବର୍ଙ୍ଗ ପ୍ରେସ୍)**

ଏହା ଉଲ୍ଲେଖ ଅଛି ଯେ ଯେବେ ରସୁଲୁଲ୍ଲାଃ ସ ଅ ସଙ୍କ ଦେହାନ୍ତ ହେଲା ,ହଜରେ ମୌତ ଇଲାକାରେ ଆପଣ ସ ଆ ସଙ୍କ ଆମିଲ୍ (ପ୍ରତିନିଧି କର୍ମକର୍ତା) ଜିୟାଦ୍ ବିନ୍ ଲବିଦ୍ ଥିଲେ । ହଜରତ୍ ଜିୟାଦ୍ ବିନ ଲବିଦ୍ ରସୁଲୁଲ୍ଲାଃ ସ ଅ ସଙ୍କ ସାହାବି ଥିଲେ । ହଜରତ୍ ଜିୟାଦ୍ ର ଅଙ୍କର ଜଣେ ପୁଅ ଥିଲେ ,ତାଙ୍କ ନାମ ଅବ୍ଦୁଲ୍ଲାଃ ଥିଲା । ଅକବାଃ ସାନିୟାରେ ସେ ସତୁରି ଜଣ ସାହାବିଙ୍କ ସହିତ ଆପଣ ସ ଆ ସ ନିକଟରେ ଆସି ଉପସ୍ଥିତ ହେଲେ ଓ ଇସଲାମ ଗ୍ରହଣ କରିଥିଲେ । ସେ ଇସଲାମ୍ ଗ୍ରହଣ କରିବା ପରେ ଯେବେ ମଦିନାକୁ ଫେରିଲେ ,ସେ ଆସିବ କ୍ଷଣି ନିଜ କବିଲା ବନୁ ବୟାଜାଃର ପ୍ରତିମାଗୁଡ଼ିକୁ ଭାଙ୍ଗିଦେଇଥିଲେ । ସେହି କବିଲାର ଲୋକମାନେ ମୂର୍ତି ପୂଜା କରୁଥିଲେ । ତାପରେ ସେ ରସୁଲୁଲ୍ଲାଃ ସ ଅ ସଙ୍କ ନିକଟକୁ ମକ୍କା ଚାଲିଗଲେ ଓ ସେଠାରେ ହିଁ ରହିଲେ । ସେ ସେଠାରେ ରସୁଲୁଲ୍ଲାଃ ସ ଅ ସଙ୍କ ମଦିନା ହିଜରତ୍ (ସ୍ଥାନାନ୍ତରିତ) କରିବା ପର୍ଯ୍ୟନ୍ତ ରହିଲେ । ସେଇଥିପାଇଁ ହଜରତ୍ ଜିୟାଦ୍‌ଙ୍କୁ ମୁହାଜିର୍ ଅନସାରୀ କୁହାଯାଏ । ସେ ମୁହାଜିର୍ ବି ଥିଲେ ଏବଂ ଅନସାରୀ ବି ଥିଲେ । ହଜରତ୍ ଜିୟାଦ୍ ର ଅ ବଦର୍ ଯୁଦ୍ଧ ,ଓହଦ୍ ଯୁଦ୍ଧ ,ଖନ୍ଦକ ଯୁଦ୍ଧ ଏବଂ ରସୁଲୁଲ୍ଲାଃ ସ ଅ ସଙ୍କ ସହିତ ବାକି ସମସ୍ତ ଯୁଦ୍ଧଗୁଡ଼ିକରେ ସାମିଲ୍ ଥିଲେ । ରସୁଲୁଲ୍ଲାଃ ସ ଅ ସ ହିଜରତ୍ କରି ମଦିନାରେ ପହଂଚିଲେ,ଯେବେ ବନୁ ବୟାଜଃ କବିଲା ଦେଇ ଗଲେ,ସେତେବେଳେ ହଜରତ୍ ଜିୟାଦ୍ ର ଅ ଅହଲୌଁ ୱ ସହଲୌଁ କହିଲେ ଅର୍ଥାତ୍ ଆପଣଙ୍କୁ ସ୍ୱାଗତ ଜଣାଉଛୁ । ପୁଣି ରହିବା ପାଇଁ ନିଜର ଘରକୁ ପେଶ୍ କଲେ । ଏହା ଦେଖି ରସୁଲୁଲ୍ଲାଃ ସ ଅ ସ କହିଲେ : ମୋ ଓଟଟିକୁ ସ୍ୱାଧିନ ଭାବରେ ଛାଡ଼ିଦିଅ ,ସେ ନିଜେ ଠିକଣା ଖୋଜିନେବ । ୦୯ ହିଜରୀ ମୋହର୍ ମାସରେ ରସୁଲୁଲ୍ଲାଃ ସ ଅ ସ ସଦକାଃ ତଥା ଜକାତ୍ ଅସୁଲ କରିବା ପାଇଁ ଅଲଗା ଅଲଗା ମୁହସିଲ (ଚାନ୍ଦା ଆଦାୟକାରୀ) ମାନଙ୍କୁ ନିଯୁକ୍ତ କରିଥିଲେ । ହଜରତ୍ ଜିୟାଦ୍ ର ଅଙ୍କୁ ହଜରେ ମୌତ ଅଂଚଳର ମୁହସିଲ୍ ନିଯୁକ୍ତ କରିଥିଲେ । ସେ ହଜରତ୍ ଉମର୍ ର ଅ ଙ୍କ ଖିଲାଫତ୍ ପର୍ଯ୍ୟନ୍ତ ସେହି ସେବାରେ ନିୟୋଜିତ ହୋଇ ରହିଥିଲେ । ସେହି ପଦବୀରୁ ଅବସର ନେବା ପରେ ସେ କୁଫାରେ ରହିଲେ ଏବଂ ସେହିଠାରେ ହିଁ ୪୧ ହିଜରୀରେ ତାଙ୍କର ଦେହାନ୍ତ ହୋଇଥିଲା । **(ତବକାତୁଲ୍ କୁବରାଃ ଖ-୦୩ ପୃ-୩୦୨ ମୁଦ୍ରିତ ଦାରେ ଅହୟାଅତ୍ ତୁରାସା ଅଲଆରବୀ ବେରୁତ୍ ୧୯୯୬)(ପଚାସ୍ ସାହାବାଃ ର ଅ , ଅଜ୍ ତାଲିବ ହାଶ୍‌ମୀ ପ-୫୫୭-୫୫୯, ଅଲବଦର୍ ପବ୍ଲିକେଶନସ୍ ଲାହୋର୍)**

ପୁଣି ହଜରତ୍ ମୁହାଜିର୍ ର ଅ ଙ୍କର ନଜରାନକୁ ଯିବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ହଜରତ୍ ଅବୁ ବକର ସିଦ୍ଦିକ୍ ର ଅଙ୍କ ଦ୍ୱାରା ଗଠିତ ଏଗାରଟି ସୈନ୍ୟବାହିନୀ ମଧ୍ୟରୁ ସମସ୍ତଙ୍କ ଶେଷରେ ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅଙ୍କ ସୈନ୍ୟବାହିନୀ ମଦିନାରୁ ୟମନ ଅଭିମୂଖେ ଯାତ୍ରା କରିଥିଲେ । ତାଙ୍କ ସହିତ ଅନସାର ତଥା ମୁହାଜିର୍ ସାହାବା ମାନଙ୍କର ଗୋଟିଏ ଦଳ ମଧ୍ୟ ଥିଲା । ସେହି ସେନା ଯେତେବେଳେ ପବିତ୍ର ମକ୍କା ଦେଇ ଗଲେ,ସେତେବେଳେ ଅତତାବ୍ ବିନ୍ ଉସୈଦ୍‌ଙ୍କ ଭାଇ ମକ୍କାର ଅମୀର ଖାଲିଦ୍ ବିନ୍ ଉସୈଦ୍ ମଧ୍ୟ ତାଙ୍କ ସହିତ ଯୋଗ ଦେଲେ । ଯେବେ ସେହି ସେନା ତାଏଫ୍ ସହର ଦେଇ ଗଲା , ଅବ୍ଦୁର୍ ରହମାନ୍ ବିନ୍ ଅବିଲ୍ ଆସ୍ ନିଜ ସାଥିମାନଙ୍କ ସହିତ ସେହି ସେନାରେ ସାମିଲ୍ ହୋଇଗଲେ । ସେହିପରି ରାସ୍ତାରେ ବିଭିନ୍ନ କବିଲାର ଲୋକମାନେ ତାଙ୍କ ସହିତ ସାମିଲ୍ ହୋଇଚାଲିଲେ । **(ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୦୫ ମୁତରଜିମ୍ ଶମିମ୍ ଅହେମଦ୍ ଖଲିଲ୍ ସଲ୍‌ଫି)** ଏହିପରି

ଭାବରେ ବହୁତ ବଡ଼ ସୈନ୍ୟବାହିନୀ ଆଗକୁ ବଢିଚାଲିଲା ।

ଅମରୋ ବିନ୍ ମାଆଦି କରିବ୍ ଏବଂ କୈସ୍ ବିନ୍ ମକଶୁହ୍ ଙ୍କ ଗିରଫଦାରୀ ସମ୍ବନ୍ଧରେ ଉଲ୍ଲେଖ ରହିଛି । ଯେମିତିକି ପୂର୍ବରୁ ଏକଥା କୁହା ସରିଛି ଯେ ଅମରୋ ବିନ୍ ମାଆଦି କରିବ୍ ନିଜର ବାହାଦୁରୀ ଏବଂ ଶକ୍ତିକୁ ଆଖିଆଗରେ ରଖି ଇସଲାମୀୟ ହୁକୁମତ୍ ସହିତ ବିଦ୍ରୋହ କରିଦେଲା,ପୁଣି କୈସ୍ ବିନ୍ ଅବଦେ ୟାଗୁସ୍‌କୁ ନିଜ ସହିତ ସାମିଲା କରିଦେଲା । ଏହି ଦୁଇଜଣଯାକ ପ୍ରତ୍ୟେକ କବିଲା ଯାଇ ମୁସଲମାନ୍ ମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ଉତ୍ସାହିତ କରୁଥିଲେ । ଫଳାଫଳ ଏହା ବାହାରିଲା ଯେ ନଜରାନର ଇସାଇ ବାସିନ୍ଦାଙ୍କ ବ୍ୟତୀତ ,ଯେଉଁମାନେ ରସୁଲୁଲ୍ଲାଃ ସ ଆ ସଙ୍କ ସହିତ ଚୁକ୍ତି କରିଥିଲେ ଏବଂ ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ କାଳରେ ବି ସେମାନେ ନିଜ ଚୁକ୍ତିରେ ସ୍ଥିର ରହିଥିଲେ,ବାକି ଅନ୍ୟ କବିଲାଗୁଡ଼ିକ ଅମରୋ ବିନ୍ ମାଆଦି କରିବ୍‌ଙ୍କ ସାଥିରେ ସହଯୋଗ କରିଥିଲେ ଓ ମୁସଲମାନମାନଙ୍କ ବିରୁଦ୍ଧରେ ଛିଡ଼ା ହୋଇଥିଲେ । ଅଲ୍ଲାଃଙ୍କ ଶକ୍ତି ଦେଖନ୍ତୁ ଯେ ୟମନବାସୀଙ୍କୁ ଯେତେବେଳେ ହଜରତ୍ ମୁହାଜିର୍‌ଙ୍କ ସହିତ ଗୋଟିଏ ବଡ଼ ସୌନ୍ୟବାହିନୀ ୟମନ ଆଡ଼କୁ ମାଡ଼ି ଆସୁଥିବାର ସୂଚନା ମିଳିବ ଆରମ୍ଭ ହେଲା,ସେତେବେଳେ ୟମନବାସୀ ଚିନ୍ତିତ ହୋଇପଡ଼ିଲେ ଯେ ସେମାନେ ହଜରତ୍ ମୁହାଜିର୍ ର ଅଙ୍କ ସୌନ୍ୟବାହିନୀର ସମ୍ମୁଖିନ କରିପାରିବେ ନାହିଁ । ଏହି ପ୍ରକାରର ଦାଦୁଲ୍ୟମାନ ଅବସ୍ଥାରେ ସେମାନେ ଥିଲେ ଯେ ସେମାନଙ୍କ ସର୍ଦ୍ଦାର କୈସ୍ ଏବଂ ଅମରୋ ବିନ୍ ମାଆଦି କରିବ୍ ମଧ୍ୟରେ ମତଭେଦ ହୋଇଗଲା । ଏହା ସତ୍ତ୍ୱେ ବି ସେମାନେ ହଜରତ୍ ମୁହାଜିର୍ ର ଅଙ୍କ ସହିତ ମୁକାବିଲା (ଯୁଦ୍ଧ)କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସେ ଦୁହେଁ ପରସ୍ପରକୁ ପ୍ରଭାବିତ କରିବାରେ ବ୍ୟସ୍ତ ଥିଲେ । ଶେଷରେ ଅମରୋ ବିନ୍ ମାଆଦି କରିବ ମୁସଲମାନ୍‌ମାନଙ୍କ ସହିତ ମିଶିଯିବ ପାଇଁ ନିଷ୍ପତି କଲେ ଏବଂ ଦିନେ ରାତିରେ ସେ ନିଜ ଲୋକମାନଙ୍କ ସହିତ କୈସର ବାସଭବନ ଉପରେ ଆକ୍ରମଣ କରି ତାକୁ ଗିରଫ କରି ହଜରତ୍ ମୁହାଜିରଙ୍କ ନିକଟରେ ଉପସ୍ଥାପନ କରିଦେଲା । କିନ୍ତୁ ହଜରତ୍ ମୁହାଜିର୍ ର ଅ କେବଳ କୈସକୁ ହିଁ ଗିରଫ କରିନଥିଲେ ବରଂ ଅମରୋ ବିନ୍ ମାଆଦି କରିବ୍‌କୁ ମଧ୍ୟ କାରାଗାରରେ ରଖିଥିଲେ । ପୁଣି ସେହି ଦୁଇଜଣଙ୍କ ବିଷୟରେ ହଜରତ ଅବୁ ବକର୍ ର ଅଙ୍କ ନିକଟକୁ ଲେଖି ଜଣାଇଲେ ଏବଂ ଉଭୟଙ୍କୁ ହଜରତ୍ ଅବୁ ବକର୍ ର ଅଙ୍କ ଗୋଚରେ/ସେବାରେ ପଠାଇଦେଲେ ।

କୈସ୍ ଏବଂ ଅମରୋ ବିନ୍ ମାଆଦି କରିବ୍ ହଜରତ୍ ଅବୁ ବକର୍ ର ଅ ଙ୍କ ନିକଟକୁ ଅଣାଯାଇଥିଲା । ହଜରତ୍ ଅବୁ ବକର୍ ର ଅ କୈସକୁ କହିଲେ : କ'ଣ ତୁମେ ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ହତ୍ୟା କରୁଥିଲ ? ସେହିପରି କ'ଣ ତୁମେ ମୋମିନ୍ (ବିଶ୍ୱାସକାରୀ) ମାନଙ୍କୁ ଛାଡ଼ି ମୁଶରିକ୍ (ଅବିଶ୍ୱାସକାରୀ)ମାନଙ୍କୁ ଏବଂ ବିଦ୍ରୋହୀମାନଙ୍କୁ ନିଜର ବନ୍ଧୁ କରିଛ ? ଯଦି ତା ନିକଟରେ କୌଣସି ସ୍ୱଷ୍ଟ ଅପରାଧ ହଜରତ୍ ଅବୁ ବକର୍ ପାଇଥାନ୍ତେ ତାହେଲେ ତାକୁ ହତ୍ୟା କରିବା ପାଇଁ ଯୋଜନା କରିସାରିଥିଲେ । କୈସ୍ ଦାଜୁଓ୍ୱିୟାକୁ ହତ୍ୟା କରିବାର ଷଡ଼ଯନ୍ତ୍ର ଏବଂ ସେଥିରେ ଅଂଶଗ୍ରହଣ କରିଥିବା କଥାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଦେଲେ । ଏହା ଏପରି କାର୍ଯ୍ୟ ଥିଲା,ଯାହା ଗୁପ୍ତ ଭାବରେ ସମ୍ପାଦନ କରାଯାଇଥିଲା । କୈସ୍ ବିରୋଧରେ କୌଣସି ସ୍ୱଷ୍ଟ ପ୍ରମାଣ ମିଳିପାରିନଥିଲା । ଅତଃ ହଜରତ୍ ଅବୁ ବକର୍ ର ଅ ଙ୍କୁ ଯେହେତୁ କୌଣସି ପ୍ରମାଣ ମିଳିନଥିଲା ତେଣୁ ତାକୁ ହତ୍ୟା କରିବାରୁ ବାରଣ କରିଥିଲେ,ଏବଂ ତାକୁ ଛାଡ଼ିଦେଇଥିଲେ । ତା ପରେ ଅନ୍ୟଜଣକର ପାଳି ପଡ଼ିଲା । ହଜରତ୍ ଅବୁ ବକର୍ ର ଅ ଅମରୋ ବିନ୍ ମାଆଦି କରିବ୍ କୁ କହିଲେ ଯେ କ'ଣ ତୁମେ କିଛିଟା ଲଜ୍ୟା ଅନୁଭବ କରୁନାହଁ କି ପ୍ରତ୍ୟେକ ଦିନ ତୁମେ ପରାସ୍ତ ହେଉଅଛ ଓ ତୁମର ପରିଧି ସଂକୁଚିତ ହୋଇଚାଲିଛି । ଯଦି ତୁମେ ଏହି ଧର୍ମକୁ ସାହାଯ୍ୟ କରିବ ତାହେଲେ ଅଲ୍ଲାଃତାଲା ତୁମକୁ ଉଚ୍ଚ ମାନ୍ୟତା/ସ୍ତର ପ୍ରଦାନ କରିବେ । ତାପରେ ହଜରତ୍ ଅବୁ ବକର୍ ର ଅ ତାକୁ ବି ମୁକ୍ତ କରିଦେଲେ । ସେହି ଦୁଇଜଣ ଅମରୋ ଏବଂ କୈସ୍‌କୁ , ସେମାନଙ୍କ କବିଲାର ଲୋକମାନଙ୍କୁ ଅର୍ପଣ କରିଦେଲେ । ଅମରୋ କହିଲେ, ମୁଁ ନିଶ୍ଚିତ ଭାବରେ ଅମିରୁଲ୍ ମୁମିନିନଙ୍କ ପରାମର୍ଶକୁ ଗ୍ରହଣ କରିବି ଏବଂ ମୁଁ ଆଉ ଏହି ଭୂଲ କରିବି ନାହିଁ । **(ତାରିଖେ ତିବରୀ ଖ-୦୨ ପୃ-୨୯୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ (ମୁତରଜିମ୍)ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ଉର୍ଦ୍ଦୁ ତରଜୁମାଃ ପୃ-୨୫୩-୨୫୪)**

ଯେହେତୁ କୌଣସି ସ୍ୱଷ୍ଟ ପ୍ରମାଣ ନଥିଲା ତେଣୁ ସେହି ଦୁଇଜଣକୁ ସେମାନଙ୍କ ସରଦାରୀ ଯୋଗୁଁ ଏବଂ ସେମାନଙ୍କ ଜ୍ଞାନ ଯୋଗୁଁ ଉଭୟଙ୍କୁ କ୍ଷମା କରିଦେଇଥିଲେ । ସେମାନଙ୍କ କ୍ଷମାର ଚର୍ଚ୍ଚା କରି ହଜରତ୍ ଅବୁ ବକର୍ ର ଅଙ୍କ ସମ୍ବନ୍ଧରେ ଆଉ ଜଣେ ଜୀବନୀ ଲେଖକ ଲେଖିଛନ୍ତି ଯେ ଅବୁ ବକର୍ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ବିଶେଷ , ଗଭୀର ଜ୍ଞାନର ମାଲିକ ଏବଂ ପରଣାମ ଉପରେ ନଜର ରଖୁଥିବା ବ୍ୟକ୍ତି ଥିଲେ । ଯେଉଁଠାରେ କଠୋରତା ଅବଲମ୍ବନ କରିବା କଥା ସେଠାରେ କଠୋର ହେଉଥିଲେ । ଯେଉଁଠି କ୍ଷମା ଓ ଦୟା ଆଚରଣ କରିବା କଥା ସେଠି କ୍ଷମା ଓ ଦୟା କରୁଥିଲେ । ସେ ଇସଲାମର ଧ୍ୱଜା/ପତାକା ତଳେ ଛିନ୍ନ ଭିନ୍ନ ହୋଇଯାଇଥିବା କବିଲାଗୁଡ଼ିକୁ ଏକତ୍ର କରିବାକୁ ଆଗ୍ରହୀ ଥିଲେ । ତାଙ୍କର ପ୍ରଜ୍ଞା ମୂଳକ ନୀତି ଏହା ଥିଲା ଯେ ବିରୋଧି କବିଲାର ନେତାମାନଙ୍କୁ କ୍ଷମା କରିଦିଆଯାଉ । ଯେତେବେଳେ ସେ ୟମନର ବିଦ୍ରୋହୀ କବିଲାଗୁଡ଼ିକୁ ବଶୀଭୂତ କରିନେଲେ,ସେମାନଙ୍କୁ ଇସଲାମୀୟ ରାଜତ୍ୱର ଶକ୍ତି ଓ ବିଜୟ ଏବଂ ମୁସଲମାନ୍ ମାନଙ୍କ ସମ୍ମାନ ତଥା ବିଜୟର ଶକ୍ତି ଓ ପରାକାଷ୍ଠା ଦେଖାଇଲେ, ସେତେବେଳେ ସେହି କବିଲାଗୁଡ଼ିକ ଏହା ମାନିନେଲେ ଏବଂ ଇସଲାମୀୟ ରାଜତ୍ୱ ଅଧିନକୁ ଚାଲିଆସିଲେ । ସେହିପରି ସେମାନେ ଅଲ୍ଲାଃଙ୍କ ରସୁଲଙ୍କ ଖଲିଫାଙ୍କ ଆଜ୍ଞାବହତା ସ୍ୱୀକାର କରିନେଲେ । ଅବୁ ବକର୍ ର ଅ ଏହା ଉଚିତ ମଣିଲେ ଯେ ସେହି କବିଲାଗୁଡ଼ିକର ମୁଖିଆମାନଙ୍କ ଉପରେ କଠୋର ହେବା ପରିବର୍ତେ ସେମାନଙ୍କ ସହିତ ଭଦ୍ର ଏବଂ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବା ଉଚିତ । ସୁତରାଂ ସେମାନଙ୍କଠାରୁ ଦଣ୍ଡ ଉଠାଇନେଲେ । ସେମାନଙ୍କ ସହିତ ନମ୍ର ଭାବରେ କଥା ହେଲେ । ଇସଲାମ୍ ତଥା ମୁସଲମାନ୍ ମାନଙ୍କ ମଧ୍ୟରେ ସେମାନଙ୍କର ଭଲଗୁଣକୁ ବ୍ୟବହାର କଲେ । ହଜରତ୍ ଅବୁ ବକର୍ ର ଅ ସେମାନଙ୍କର ଦୋଷକୁ କ୍ଷମା କଲେ । ସେମାନଙ୍କ ସହିତ ସଦବ୍ୟବହାର କଲେ । କୈସ୍ ବିନ୍ ଅବଦେ ୟାଗୁସ୍ ଏବଂ ଅମରୋ ବିନ ମାଆଦି କରିବ୍‌ଙ୍କ ସହିତ ବି ସେହି ପରି ଦୟ ଆଚରଣ କଲେ । ଏହି ଦୁହେଁ ଆରବର ସବୁଠାରୁ ସାହସୀ ଏବଂ ବୁଦ୍ଧିମାନ ଲୋକମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ । ତେଣୁ ସେମାନଙ୍କୁ ହରାଇଦେବାକୁ ହଜରତ୍ ଅବୁ ବକର୍ ର ଅ ଚାହୁଁନଥିଲେ । ହଜରତ୍ ଅବୁ ବକର୍ ର ଅ ଏ ଚେଷ୍ଟା କଲେ ଯେ ସେମାନଙ୍କୁ ଇସଲାମ୍ ପାଇଁ କିପରି ଶୁଦ୍ଧ କରିପାରିବେ ଏବଂ ଇସଲାମ୍ ତଥା ବିଦ୍ରୋହ ମଧ୍ୟରେ ରହିଥିବା ଦ୍ୱନ୍ଦରୁ ମୁକ୍ତ କରିବାକୁ ଚେଷ୍ଟା କରିପାରିବେ । ଅବୁ ବକର ର ଅ ଅମରୋ ବିନ୍ ମାଆଦି କରିବ୍‌କୁ ମୁକ୍ତ କରିଦେଲେ । ପୁଣି ତାପରେ ଅମରୋ କେବେ ବି ବିଦ୍ରୋହ କରିନଥିଲେ ବରଂ ଇସଲାମ୍ ଗ୍ରହଣ କରିନେଲେ ଓ ଜଣେ ଭଲ ମୁସଲମାନ୍ ଭାବରେ ଜୀବନଯାପନ କଲେ । ଅଲ୍ଲାଃ ତାଙ୍କୁ ସାହାଯ୍ୟ କଲେ । ସେ ଇସଲାମୀୟ ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । କୈସ୍ ମଧ୍ୟ ନିଜ କର୍ମ ଯୋଗୁ ଅନୁତାପ କରିଥିଲେ । ସୁତରାଂ ଅବୁ ବକର୍ ର ଅ ତାକୁ ମଧ୍ୟ କ୍ଷମା କରିଦେଲେ । ଆରବର ଏହି ଦୁଇଜଣ ବୀର ଯୋଦ୍ଧାଙ୍କୁ କ୍ଷମା କରିଦେବା ଦ୍ୱାରା,ତାହା ବହୁତ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା । ହଜରତ୍ ଅବୁ ବକର୍ ର ଅ ଏପରି ତାଙ୍କର ହୃଦୟକୁ ଯୋଡ଼ିଦେଲେ ଯେ ସେମାନେ ଇସଲାମ୍‌କୁ ଛାଡ଼ି ବିଦ୍ରୋହ କରିଥିବା ସତ୍ତ୍ୱେ ବି ଭୟ ଯୋଗୁଁ ହେଉ ବା କୌଣସି ଲୋଭ ମନ ଭିତରେ ରଖି ପୁନର୍ବାର ଇସଲାମ ଆଡ଼କୁ ଫେରି ଆସିଥିଲେ । ହଜରତ୍ ଅବୁ ବକର୍ ର ଅ ଅଶଅତ୍ ବିନ୍ କୈସ୍‌କୁ କ୍ଷମା କରିଦେଲେ । ଏହିପରି ସଦ୍ଦିକ୍ ର ଅ ସେମାନଙ୍କ ହୃଦୟକୁ କାବୁ କରି ସେମାନଙ୍କ ମନର ମାଲିକ ହୋଇଯାଇଥିଲେ ଫଳତଃ ଏମାନେ ଭବିଷ୍ୟତରେ ଇସଲାମର ଏବଂ ମୁସଲମାନମାନଙ୍କର ଶକ୍ତିର ଉତ୍ସ ହୋଇଗଲେ । **(ସୟଦନା ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୧୩-୩୧୪)**

ଅର୍ଥାତ କୌଣସି ଜୋର ଜବ୍‌ରଦସ୍ତି ନଥିଲା ବରଂ ହୃଦୟରୁ ସେମାନେ ଇସଲାମ ଗ୍ରହଣ କରିଥିଲେ ଏବଂ ହଜରତ୍ ଅବୁ ବକର୍ ର ଅ ଙ୍କ ଆଜ୍ଞାବହତା ସ୍ୱୀକାର କରିଥିଲେ ।

ହଜରତ୍ ମୁହାଜିର୍ ନଜରାନରୁ ଲହଜିୟାଃ ଇଲାକା ଆଡ଼କୁ ଚାଲିଗଲେ ଏବଂ ଯେବେ ଅଶ୍ୱାରୋହୀମାନେ ସେମାନଙ୍କ ଦଳକୁ ଘେରିନେଲେ,ସେମାନେ ଶାନ୍ତି ପାଇଁ ନିବେଦନ କଲେ କିନ୍ତୁ ମୁହାଜିର୍ ସେମାନଙ୍କୁ ଶାନ୍ତି ଦେବାକୁ ମନା କରିଦେଲେ । ପୁଣି ଲୋକମାନେ ଦୁଇ ଦଳରେ ବିଭକ୍ତ ହୋଇଗଲେ । ସେଥିମଧ୍ୟରୁ ଗୋଟିଏ ଦଳ ମୁହାଜିତର୍ ର ଅ ଙ୍କ ସହିତ ଅଯିବ ନାମକ ସ୍ଥାନରେ ଯୁଦ୍ଧ କଲେ । ଅଜିବ ହେଉଛି ୟମନର ଗୋଟିଏ ଯାଗାର ନାମ । ହଜରତ୍ ମୁହାଜିର୍ ର ଅ ଙ୍କ ର ଅନ୍ୟ ଅଶ୍ୱାରୋହୀମାନେ ହଜରତ୍ ଅବ୍ଦୁଲ୍ଲାଃ ର ଅଙ୍କ ନେତୃତ୍ୱରେ ଅଖାବିସ୍ ରାସ୍ତାରେ ସେମାନଙ୍କ ସହିତ ମୁହାଁମୁହିଁ ହେଲେ ଏବଂ ପଳାୟନ କରୁଥିବା ଶତୃମାନଙ୍କୁ ରାସ୍ତା ଉପରେ ହିଁ ହତ୍ୟା କରାଗଲା ।**(ତାରିଖେ ତିବରୀ ଖ-୦୨ ପୃ-୨୯୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)(ମୁଅଜୁମଲ୍ ବୁଲଦାନ୍ ଖ-୦୪ପୃ-୯୯)**

ଯେତେବେଳେ ବନୁ ଆକ୍ ୟମନର ଆଲାବ ଅଂଚଳରେ ବିଦ୍ରୋହ କଲେ,ସେମାନଙ୍କୁ ଅଖାବିସ୍ କୁହାଗଲା । ଯେଉଁ ରାସ୍ତାରେ ସେହି ମନ୍ଦ ଏବଂ ଖବିସ୍ (ଦୁଷ୍ଟ ପ୍ରକୃତିର ଲୋକ)ମାନେ ଲଢିଥିଲେ,ପରେ ସେହି ରାସ୍ତାର ନାମ ତରିକୁଲ୍ ଅଖାବିସ୍ ରଖାଯାଇଥିଲା । **(ତାରିଖେ ତିବରୀ ଖ-୦୨ ପୃ-୨୯୪-୨୯୫ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ହଜରତ୍ ମୁହାଜିର ର ଅଙ୍କ ସନାଅ ପହଂଚିବା ବିଷୟରେ ଉଲ୍ଲେଖ ଅଛି ଯେ ହଜରତ୍ ମୁହାଜିର ର ଅ ଅଜିବ୍‌ଠାରୁ ବାହାରି ସନାଅରେ ପହଂଚିଲେ । ପୁଣି ସେ ପଳାୟନ କରିଥିବା ଭିନ୍ନ ଭିନ୍ନ କବିଲାକୁ ଅନୁଧାବନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ମୁସଲମାନମାନେ ସେମାନଙ୍କ ମଧ୍ୟରୁ ଯାହାକୁ ବି ଧରିଲେ ,ବଧ କରିଚାଲିଲେ ଏବଂ କୌଣସି ଦୁଷ୍ଟକୁ ବି କ୍ଷମା କରିନଥିଲେ । ଅବଶ୍ୟ ସେହି ଦୁଷ୍ଟମାନଙ୍କ ବ୍ୟତୀତ ଯିଏ ବି ତୌବାଃ (ଅନୁତାପ) କରିଥିଲେ ,ସେମାନଙ୍କ ତୌବାଃ ଗ୍ରହଣ କରାଗଲା । ଯେଉଁମାନେ ଯୁଦ୍ଧ କରୁଥିଲେ ,ଅତ୍ୟାଚାର କରୁଥିଲେ ସେମାନଙ୍କୁ କ୍ଷମା ଦିଆଗଲା ନାହିଁ କିନ୍ତୁ ଅନ୍ୟମାନଙ୍କୁ କ୍ଷମା କରିଦିଆଗଲା । ସେମାନଙ୍କ ପୂର୍ବ ଅବସ୍ଥା ଅନୁଯାୟୀ ସେମାନଙ୍କ ସହିତ ବ୍ୟବହାର କରାଗଲା । ଅର୍ଥାତ୍ ସେମାନଙ୍କଠାରୁ ସଂସ୍କାର/ ସୁଧାର ହେବାର ଆଶା ଥିଲା । **(ତାରିଖେ ତିବରୀ ଖ-୦୨ ପୃ-୨୯୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)**

ପରବର୍ତୀ ବିବୃତି ଟିକିଏ ବିସ୍ତୃତ ଥିଲା ,ତେଣୁ ମୁଁ ଏହାକୁ ଏଠାରେ ଶେଷ କରୁଅଛି । ଅବଶିଷ୍ଟ ବିଷୟ ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରାଯିବ ।

(ଅଲଫଜଲ୍ ଇଂଟରନ୍ୟାସନାଲ୍ ୨୬ ଜୁଲାଇରୁ ୦୮ ଅଗଷ୍ଟ ୨୦୨୨ (ବିଶେଷାଙ୍କ ପ୍ରକାଶନ ଜଲସା ସାଲାନା) ପୃ-୫-୯)

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଉମରକୋଟରେ ଥିବା ତହରିକ୍ ଜଦିଦ୍ର ଜମିରେ ବସବାସ କଲେ । ପୁଣି ସେ ପ୍ରାୟ ଛଅ ବର୍ଷ ଧରି ରବୁଓ୍ୱାରେ ବି ରହିଥିଲେ । ସେହି ମହଲ୍ଲା (ସାହି)ରେ ତାଙ୍କୁ ଖାଦିମ ମସଜିଦ୍ ଭାବରେ ସେବା କରିବାର ସୁଯୋଗ ମିଳିଥିଲା । ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପତ୍ନୀଙ୍କ ବ୍ୟତୀତ ତାଙ୍କର ସାତ ଜଣ ପୁଅ ଏବଂ ଚାରିଜଣ ଝିଅ ଅଛନ୍ତି । ତାଙ୍କର ଜଣେ ପୁଅ ଶବିର ଅହେମଦ୍ ମୁରବୀ ସିଲସିଲା ଅଛନ୍ତି । ସେ ଏବେ ଆଇଭରୀ କୋଷ୍ଟରେ ଖିଦମତ୍ (ଧର୍ମସେବା)କରୁଛନ୍ତି । କର୍ମ କ୍ଷେତ୍ରରେ ରହିବା ହେତୁ ସେ ନିଜ ବାପାଙ୍କ ଅନ୍ତିମ ସଂସ୍କାରରେ ସାମିଲ୍ ହୋଇପାରିଲେ ନାହିଁ । ମରହୁମ୍ (ସ୍ୱର୍ଗତ)ଙ୍କର ଦୁଇଜଣ ନାତି ବି ମୁରବୀ ସିଲସିଲା ଅଛନ୍ତି ।

ତାଙ୍କ ପୁଅ ଶବିର ଅହେମଦ୍ ସାହେବ୍ ମୁରବୀ ସିଲସିଲା ଲେଖିଛନ୍ତି ଯେ ସେ ଅନେକ ସୁଗୁଣର ଅଧିକାରୀ ଥିଲେ । ଆମେ ତାଙ୍କୁ ପିଲାଦିନୁ ତହଜ୍ଜୁଦ୍ ନମାଜ ନିୟମିତ ପାଠକରୁଥିବାର ଦେଖିଆସୁଅଛୁ । ପ୍ରତ୍ୟହ ଫଜର୍ ନମାଜ ପରେ ସେ ଉଚ୍ଚ ସ୍ୱରରେ ପବିତ୍ର କୁରଆନ ପାଠ କରନ୍ତି । ଖିଲାଫତ୍ ସହିତ ତାଙ୍କର ଅଗାଢ ପ୍ରେମ ଥିଲା । ସେ ପୁଣି କୁହନ୍ତି ଯେ ଯେବେ ମୁଁ ଘରକୁ ଯାଏ ,ସେ ମତେ ଡ଼କାଇ କୁହନ୍ତି ଯେ ମୋର ଦୁଇଟି କଥାକୁ ସର୍ବଦା ମନେରଖିଥିବ ଯେ ଖିଲାଫତ୍ ପ୍ରତି ସର୍ବଦା ବିଶ୍ୱସ୍ତ ରହିଥିବ ଏବଂ ନିଜ ଓ୍ୱକଫ୍ (ଉତ୍ସର୍ଗ)ର କର୍ତବ୍ୟକୁ ପାଳନ କରୁଥିବ । ସେ ପୁଣି କୁହନ୍ତି ଯେ ମୋ ବାପା ବହୁତ ଆତିଥ୍ୟପରାୟଣ ଥିଲେ । ବାଟୋଇମାନଙ୍କୁ ସେ ଘରକୁ ନେଇଆସୁଥିଲେ । ତାଙ୍କ ତାଜିୟତ୍ (ଅର୍ଥାାତ୍ ତାଙ୍କ ମୃତ୍ୟୁରେ ସମବେଦନା)ଜଣାଇବା ପାଇଁ ଅନେକ ଅଣ ଜମାତୀୟ ଲୋକେ ଏବଂ ହିନ୍ଦୁ ଇତ୍ୟାଦି ସମସ୍ତେ ଆସିଥିଲେ ଏବଂ ତାଙ୍କୁ ବହୁତ ଭଲ ଶବ୍ଦରେ ମନେପକାଇଲେ । ସେମାନେ ଏକଥା ବି ପ୍ରକାଶ କରି କହିଲେ ଯେ ଆଜି ଆମମାନଙ୍କର ବାପା ଇହଧାମ ଛାଡ଼ି ଚାଲିଯାଇଛନ୍ତି । କାରଣ ସେ ଗରୀବ ଲୋକମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ ।

ଆଉ ଜଣେ ମରହୁମାଃ ହେଉଛନ୍ତି ଅଜିଜାଃ ମୁବାରିଜାଃ ଫାରୁକ୍ (ଓ୍ୱାକିଫା-ଏ-ନୌ) । ସେ ଫାରୁକ୍ ଅହେମଦ୍ ସାହେବଙ୍କ ଝିଅ ଥିଲେ । ସେ ରବୁଓ୍ୱା ନିବାସୀ ଥିଲେ । ବିଗତ ଦିନ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ସେହି ଝିଅଟି ଯେତେବେଳେ ଏଗାର ବର୍ଷର ଥିଲା ହାଇ ଟେନସନ୍ ବିଜୁଳି ତାରରେ ତାଙ୍କ ହାତ ଲାଗି ଯିବାରୁ ତାଙ୍କ ଦୁଇହାତ ପାରାଲାଇସିସ୍ ହୋଇ ଅଚଳ ହୋଇଗଲା । ସୁତରାଂ ସେହି ଦୁଇଟିଯାକ ହାତକୁ କାଟିଦେବାକୁ ପଡ଼ିଲା । କିନ୍ତୁ ଏମିତି ପରିସ୍ଥିତି ସତ୍ୱେ ବି ସେ ସାହସ ହାରି ନଥିଲେ । ସେ ନିଜ ଶିକ୍ଷା ଜାରି ରଖିଥିଲେ । ପ୍ରଥମେ ସେ ନିଜ ମୁହଁରେ କଲମ ଧରି ଲେଖିବା ଆରମ୍ଭ କଲେ । ଏହି ପରି ଅଭ୍ୟାସ ଜାରି ରଖି ସେ କିଛି ମାସ ଭିତରେ ବହୁତ ସୁନ୍ଦର ସୁନ୍ଦର ଅକ୍ଷର ଲେଖିବାକୁ ସମର୍ଥ ହୋଇଗଲେ । ଶିକ୍ଷା ଆହାରଣ କରିବା ଜାରି ରଖିଲେ । କିଛି ଦିନ ପରେ ତାଙ୍କ ପରିବାର ରବୁଓ୍ୱା ଶିଫ୍ଟ ହୋଇଗଲା । ସେ ସେଠାରେ ବି ନିଜର ଶିକ୍ଷା ଜାରି ରଖିଲେ । ୨୦୧୩ ମସିହାରେ ଭଲ ମାର୍କ ରଖି ସେ ବି ଏ ପାସ୍ କରିଲେ । ପୁଣି ତାଲିମୁଲ୍ ଇସଲାମ୍ କଲେଜରୁ ଆରବୀରେ ଏମ୍ ଏ ଡ଼ିଗ୍ରୀ ବି ହାସଲ କଲେ । ଓ୍ୱାକିଫା-ଏ-ନୌ ଭାବରେ ସେ କିଛି ଦିନ ତାହେର୍ ହାର୍ଟ ଇନଷ୍ଟିଚ୍ୟୁଟ୍ ରେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । ପବିତ୍ର କୁରଆନ୍ ଉତମ ଉଚ୍ଚାରଣ କରି ପାଠକରୁଥିଲେ । ସେ ପବିତ୍ର କୁରଆନକୁ ଶବ୍ଦବଳୀପୂର୍ଣ୍ଣ ଅର୍ଥ ସହିତ ଶିଖିଥିଲେ । ସେ ସର୍ବଦା ସେଥିରେ ଶତ ପ୍ରତିଶତ ମାର୍କ ଆଣୁଥିଲେ । ସେ ତାଙ୍କ ମହଲ୍ଲା (ସାହି)ରେ ତରଜୁମତୁଲ୍ କ୍ଲାସ ବି ନେଉଥିଲେ । ତାଙ୍କ ମାଆ ବାପାଙ୍କ ବ୍ୟତୀତ ତାଙ୍କର ଦୁଇଜଣ ଭାଇ ଏବଂ ଦୁଇଜଣ ଭଉଣୀ ବି ଅଛନ୍ତି । ଅଲ୍ଲାତାଲା ତାଙ୍କ ସହିତ ଦୟା ଏବଂ କ୍ଷମା ଆଚରଣ କରନ୍ତୁ । ତାଙ୍କ ମାଆ ବାପାଙ୍କୁ ବି ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ ।

ଆଉ ଜଣେ ମରହୁମ୍ ହେଉଛନ୍ତି ମୁକରମ୍ ଅଞ୍ଜୁମାନା ଓ୍ୱାତାରା (Aanzumana Wattara)ସାହେବ୍ । ସେ ଆଇଭରି କୋଷ୍ଟ ଦେଶର ମାସାଦାଗୁ ଇଲାକାରେ ମୁଅଲ୍ଲିମ୍ ସିଲସିଲା ଥିଲେ । ବିଗତ ଦିନ ତାଙ୍କର ବି ଦେହାନ୍ତ ହୋଇଯାଇଛି **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ସେଠିକାର ମିଶନାରୀ ଇନଚାର୍ଜ ସାହେବ ଲେଖିଛନ୍ତି ଯେ ସ୍ୱର୍ଗତ ଅତି ସାଧା ଏବଂ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । ନମାଜ ଏବଂ ରୋଜା ନିୟମିତ ସଠିକ୍ ସମୟରେ ପାଳନ କରନ୍ତି । ସରଳ ସ୍ୱଭାବ , ପ୍ରର୍ଥନାକାରୀ ,ପୂନ୍ୟବନ୍ତ ଏବଂ ଧାର୍ମିକ ବ୍ୟକ୍ତି ଥିଲେ । ସେ ବହୁଳ ଭାବରେ ନଫିଲ୍ ନମାଜ ପାଠ କରୁଥିଲେ । ସୋମବାର ଏବଂ ଗୁରୁବାର ଦିନ ନିୟମିତ ରୋଜା ରଖୁଥିଲେ । ତାଙ୍କର ଦୁଆ ବହୁଳ ଭାବରେ ଗ୍ରହଣୀୟ ହେଉଥିଲା । ଖିଲାଫତ୍ ସହିତ ତାଙ୍କର ଗଭୀର ପ୍ରେମଭାବ ରହିଥିଲା । ସେ ଜଣେ ଉତମ ମୁବଲ୍ଲିଗ୍ (ଧର୍ମ ପ୍ରଚାରକ)ଥିଲେ । ୧୯୯୭ ମସିହାରେ ଗୋଟିଏ ସ୍ୱପ୍ନ ଜରିଆରେ ସେ ଅହେମଦୀୟତ ଗ୍ରହଣ କରିଥିଲେ । ସେ ସ୍ୱପ୍ନରେ ଦେଖିଥିଲେ ଯେ ସେ ଗୋଟିଏ ଜଙ୍ଗଲରେ ଅଛନ୍ତି । ସେହି ଜଙ୍ଗଲ ନିକଟରେ ନାସିୟା ନାମକ ଗ୍ରାମଟିଏ ଅଛି । ସେ ସେହି ଗ୍ରାମକୁ ଯାଉଛନ୍ତି । ସେ ଗୋଟିଏ ଖଣ୍ଡା ସାହାଯ୍ୟରେ ରାସ୍ତା ସଫା କରି କରି ସେହି ଗାଁ ଆଡ଼କୁ ଚାଲିଛନ୍ତି ଏବଂ ତତସହିତ ସେ ଉଚ୍ଚ ସ୍ୱରରେ କଲମା ତୟବାଃ ପାଠ ବି କରିଚାଲିଛନ୍ତି । ସେ କୁହନ୍ତି ଯେ ସେହି ସ୍ୱପ୍ନ ପରେ ଦିନେ ମୁଁ ଜଣିବାକୁ ପଇଲି ଯେ ଜଣେ ଅହେମଦୀ ମିଶନାରୀ ଉମର୍ ମାଆଜ୍ ସାହେବ୍ ତବଲିଗ୍ କରିବା ପାଇଁ ନାସିୟାଁ ଆସିଛନ୍ତି । ତେଣୁ ସେ ନିଜେ ନାସିୟାଁ ଗଲେ । ସେଠାରେ ଜମାଅତର ବାର୍ତା ଶୁଣିବା ପରେ ବୟତ କରିଲେ । ସେ କହିଲେ ଯେ ଏହା ହିଁ ସେହି ବାର୍ତା ଥିଲା ଯାହାକୁ ଗ୍ରହଣ କରିବା ପାଇଁ ଅଲ୍ଲାଃତାଲା ମତେ ସ୍ୱପ୍ନରେ ବତାଇଦେଇଥିଲେ ଯେ ଚେଷ୍ଟାକରି ମୁଁ ସେହି ଗ୍ରାମକୁ ଯିବି, ଯେଉଁଠାରେ ମତେ ଦୀନ୍ (ସତ୍ ଧର୍ମ) ମିଳିବ । ସେ ଯାହା ବି ହେଉ ଅହେମଦୀୟତ୍ ଗ୍ରହଣ କରିବା ପରେ ସେ ନିଜକୁ ଓ୍ୱକଫ୍ (ଅର୍ଥାତ୍ ଧର୍ମ ମାର୍ଗରେ ଉତ୍ସର୍ଗ)କରି ଦେଲେ । ନିୟମିତ ଜଣେ ମୁଅଲ୍ଲିମ୍ ଭାବରେ ସେ ଜମାଅତର ସେବାକାର୍ଯ୍ୟ ସମ୍ପାଦନ କରିବା ଆରମ୍ଭ କରିଦେଲେ । ୨୦୦୨ ମସିହାରେ ଯେବେ ତାଙ୍କ ଦେଶରେ ଗୃହଯୁଦ୍ଧ ଆରମ୍ଭ ହେଲା ,ସେତେବେଳେ ମର୍କଜ୍ ତାଙ୍କ ସ୍ଥାନ ସହିତ (ତାଙ୍କ ସହିତ ଯୋଗାଯୋଗ) ସମ୍ପର୍କ ରଖିପାରିଲା ନାହିଁ । ମୁଅଲ୍ଲିମ୍ ସାହେବ ସେହି ଗ୍ରମ ତଥା ଆଖପାଖର ଜମାଅତ୍ ସହିତ ସମ୍ପର୍କ ବଜାୟ ରଖିଥିଲେ । ଜମାତର ସଦସ୍ୟମାନଙ୍କ ପାଇଁ ଶିକ୍ଷା ଓ ପ୍ରଶିକ୍ଷଣ କାମ ଜାରି ରଖିଥିଲେ । ମର୍କଜ ସହିତ ଯୋଗସୂତ୍ର ରକ୍ଷା କରିଆସୁଥିଲେ । ସେହିପରି ସେ ନିଜ ଗାଁରେ , ନିଜ ଘରର ଅଙ୍ଗଣାରେ ଗୋଟିଏ ମସଜିଦ୍ ମଧ୍ୟ ନିର୍ମାଣ କରିଥିଲେ । ସେହି ମସଜିଦରୁ ହିଁ ଜମାଅତର ଶିକ୍ଷା ଓ ପ୍ରଶିକ୍ଷଣ କାମ ଜାରି ରଖିଥିଲେ । ସେହିପରି ସେ ଜାତିୟ ସ୍ତରରେ ପତ୍ୟେକ ଜମାତି ପ୍ରୋଗ୍ରାମରେ ନିୟମିତ ଦୀର୍ଘ ରାସ୍ତାକୁ ଅତିକ୍ରମ କରି ସେଥିରେ ସାମିଲ ହୋବା ପାଇଁ ଆସୁଥିଲେ । ୧୯୯୮ ମସିହାରେ ତାଙ୍କୁ ଜଲସା ସାଲାନା ୟୁ କେ ରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିଥିଲା । ତାଙ୍କୁ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହୁ ତାଲାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ବି ପ୍ରାପ୍ତ ହୋଇଛି । ହଜୁର ଅ ବ ଅଙ୍କ ସହିତ ଏମ୍ ଟି ଏ ପ୍ରୋଗ୍ରାମ The French Mulaqat ରେ ମଧ୍ୟ ସାମିଲ ହେବାର ସୌଭାଗ୍ୟ ମିଳିଥିଲା । ସେ ସେହି ସାକ୍ଷାତକାର ଯୋଗୁଁ ବହୁତ ଖୁସି ଥିଲେ । ଲୋକମାନଙ୍କୁ ସେ କହୁଥିଲେ ଯେ ସେହି ସାକ୍ଷାତକାର ମୋ ଜୀବନର ଏକ ସୁନ୍ଦର ଅଂଶ,ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । ମୁଁ ଯେବେ ବୁର୍କିନା ଫାସୋ ଗସ୍ତରେ ଯାଇଥିଲି , ସେ ମତେ ସେଠାରେ ମିଳିଥିଲେ, ଏବଂ ମତେ କହିଲେ ଯେ ମୁଁ ଆପଣଙ୍କ ସହିତ ଯେଉଁ ସାକ୍ଷାତ କରୁଅଛି , ମୁଁ ମୋର ଗୋଟିଏ ନୂଆ ଜୀବନ ଯୋଗୁଁ କରୁଅଛି । ଆପଣଙ୍କ ଗସ୍ତ (ଦୌରାଃ) ଯୋଗୁଁ ଅଲ୍ଲାଃତାଲା ମୋ ଉପରେ କୃପା କରିଛନ୍ତି ଏବଂ ଏହି ଆଶୀର୍ବାଦ ମତେ ମିଳୁଅଛି । ପୁଣି କହିବାକୁ ଲାଗିଲେ ଯେ ଦୁଇମାସ ପୂର୍ବେ ମୁଁ ଭିଷଣ ବେମାର ପଡ଼ିଗଲି । ଏପରିକି ମୋ ପରିବାରର ଲୋକମାନେ ଭାବିଲେ ଯେ ବୋଧହୁଏ ଏହା ମୋର ଶେଷ ସମୟ । ପୁଣି ସେ କହିଲେ ଯେ ସେହି ସମୟରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି । ଅର୍ଥାତ୍ ସେ ମତେ ସ୍ୱପ୍ନରେ ଦେଖିଲେ ଯେ ମୁଁ ତାଙ୍କ ମୁଣ୍ଡ ଉପରେ ହାତ ବୁଲାଉଛି । ପୁଣି ସେ କୁହନ୍ତି ଯେ ମୁଁ ସ୍ୱପ୍ନରେ ଏକଥା ଅନୁଭବ କଲି ଯେ ସବୁ ରୋଗ ମୋର ଅପସରି ଯାଇଛି । ପୁଣି ସେ କହିଲେ ଯେ ଯେବେ ମୁଁ ଉଠିଲି ,ସେତେବେଳେ ଦେଖିଲି ଯେ ରୋଗ ମତେ ସମ୍ପୂର୍ଣ୍ଣ ରୂପେ ଛାଡ଼ି ଚାଲିଯାଇଥିଲା ଏବଂ ମୁଁ ସୁସ୍ଥ ହୋଇଯାଇଥିଲି । ସେ ଯାହା ବି ହେଉ ମୁଁ ଯେତେବେଳେ ସେଠାକୁ ଯାଇଥିଲି ,ସେ କହିଲେ ଯେ ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି,ତାହାକୁ ବ୍ୟବହାରିକ ରୂପେ ପୂରଣ ବି କରିଦିଅନ୍ତୁ । ଏହା କହି ସେ ନିଜ ମୁଣ୍ଡକୁ ଆଗକୁ ବଢାଇଦେଲେ ଯେ ଆ ଉପରେ ହାତ ବୁଲାଇଦିଅ । ସେ ଏଥିରେ ବହୁତ ଖୁସି ହେଉଥିଲେ । ହେବା ଉଚିତ । ଖିଲାଫତ୍ ସହିତ ପୂର୍ଣ୍ଣ ବିଶ୍ୱସ୍ତତା ଥିଲା । ସେ ଲୋକାମନଙ୍କୁ ବତାଉଥିଲେ ଯେ ଯେଉଁ ଜୀବନ ମତେ ମିଳିଛି ତାହା ଏଇଥିପାଇଁ ମିଳିଛି ଯେ ମୁଁ ଧର୍ମ ସେବା କରିବି । ଏବେ ମୁଁ ନିଜ ଜୀବନକୁ ଏହି କାମରେ ହିଁ ବିତାଇବି । ସେ ଏହି ପ୍ରତିଜ୍ଞାକୁ ପୂରଣ କରିଥିଲେ । ସେ ୯୪ ବର୍ଷ ବୟସ ପାଇଥିଲେ । ସେ ଶେଷ ଜୀବନ ପର୍ଯ୍ୟନ୍ତ ସକ୍ରିୟ ଏବଂ ସୁସ୍ଥ ଥିଲେ । ବୃଦ୍ଧାବସ୍ଥା ସତ୍ୱେ ସେ ନିକଟସ୍ଥ ଜମାତଗୁଡ଼ିକୁ ନିଜେ ପରିଦର୍ଶନ କରିବାକୁ ଯାଉଥିଲେ । ମୋ ସହିତ ତାଙ୍କର ଦ୍ୱିତୀୟ ସାକ୍ଷାତ ୨୦୦୮ ମସିହାରେ ସେତେବେଳେ ହୋଇଥିଲା ଯେତେବେଳେ ମୁଁ ଘାନା ଯାଇଥିଲି । ସେ ସେତେବେଳେ ସେଠାକୁ ଆସି ଘାନାର ଜୁବୁଲି ଜଲସାରେ ସାମିଲ ହୋଇଥିଲେ । ବହୁତ ଖୁସି ଥିଲେ । "ବନ୍ଦୁକୁ" ଇଲାକାର ରିଜିଓନାଲ୍ ମିଶନାରୀ ଶାହିଦ୍ ସାହେବ କୁହନ୍ତି ଯେ ସେ ପାକିସ୍ତାନୀ ମୁବଲ୍ଲିଗ୍ ମାନଙ୍କୁ ସେ ବହୁତ ଭଲ ପାଉଥିଲେ । ସେ ବହୁତ ବିନମ୍ରତାର ସହିତ ସାକ୍ଷାତ କରୁଥିଲେ । ବହୁତ ସମ୍ମାନର ସହିତ ମିଳୁଥିଲେ । ମାଲି କୁରବାନୀ (ଆର୍ଥିକ ବଳିଦାନ)କରିବାରେ ସେ ସର୍ବଦା ଆଗରେ ରହୁଥିଲେ । ନିୟମିତ ଚାନ୍ଦା ପଇଠ କରୁଥିଲେ । ସେ କୁହନ୍ତି ଯେ ଚଳିତ ବର୍ଷ ଜାନୁଆରୀ ମାସ ଶେଷରେ ଯେବେ ମୁଁ ତାଙ୍କ ଗାଁକୁ ଦୌରାଃ ରେ ଗଲି ,ମୁଅଲ୍ଲିମ୍ ସାହେବ୍ ମତେ କହିଲେ ଯେ ଏହି ବର୍ଷ ମୁଁ ଚାଲିଯିବି । ମୁଁ ତାଙ୍କୁ ପଚାରିଲି ଯେ କ'ଣ ଆପଣ କେଉଁଆଡ଼େ ଯାତ୍ରା କରିବାକୁ ଯିବେ କି ? ସେ କହିଲେ ନାଁ । ମୁଁ ଏହି ଦୁନିଆରୁ ଚାଲିଯିବି । କାରଣ ଏ ବର୍ଷ ମୁଁ ବହୁତ ଖୁସି ଅଛି । ମୁବଲ୍ଲିଗ୍ ସାହେବ୍ କହିଲେ ଯେ ,ସେ ପୁଣି ତାଙ୍କୁ କହିଲେ ଯେ ମୁଁ ଅଲ୍ଲାଃଙ୍କ ଖାତିର୍ ସାରା ଜୀବନ କାମ କଲି । "ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ତାଙ୍କର ବହୁତ ବିଶ୍ୱାସ ଥିଲା । " ଏବେ ମୁଁ ଦରମା ସଂଗ୍ରହ କରିବା ପାଇଁ ଅଲ୍ଲାଃଙ୍କ ନିକଟକୁ ଯାଉଛି । ମୃତ୍ୟୁର ଏକ ସପ୍ତାହ ପୂର୍ବରୁ ସେ ନିଜ ପରିବାର ଲୋକଙ୍କୁ କହିଥିଲେ ଯେ ମୋର ଅଲ୍ଲାଃତାଲାଙ୍କ ସହିତ ଆଉ ଗୋଟିଏ ସପ୍ତାହର କଂଟ୍ରାକ୍ଟ (ଚୁକ୍ତି) ଅଛି । ଗୋଟିଏ ସପ୍ତାହ ବାକି ରହିଛି । ସେ କୁହନ୍ତି ଯେ ତା ପର ସପ୍ତାହ ଜୁମା ଦିନ ଠିକ ଏକ ସପ୍ତାହ ପରେ ସକାଳୁ ସେ ପୂର୍ବବତ୍ ତହଜ୍ଜୁଦ୍ ନମାଜ୍ ପାଠ କରିବା ପାଇଁ ଉଠିଲେ, ଓ୍ୱଜୁ କଲେ, ଏବେ ତାଙ୍କର ଓ୍ୱଜୁ ସମ୍ପୂର୍ଣ୍ଣ ହୋଇଥିଲା ଯେ ଓ୍ୱଜୁ କରୁଥିବା ସ୍ଥାନରୁ ହିଁ ସେ ନିଜ ପରମେଶ୍ୱର ଅଲ୍ଲାଃଙ୍କ ସହିତ ଯାଇ ସାକ୍ଷାତ କରିନେଲେ । ତାଙ୍କର ମୁଣ୍ଡ ବୁଲାଇଦେଲା ,ସେ ଟଳି ପଡ଼ିଲେ । (ଅର୍ଥାତ ତାଙ୍କର ମୃତ୍ୟୁ ହୋଇଗଲା) । ଏହିପରି କେତେକ ଲୋକେ ଦୁର୍ଗମ ଅଂଚଳରେ ରହୁଛନ୍ତି ,ଯେଉଁମାନେ ନିସ୍ୱାର୍ଥପର ଭାବରେ ଅନ୍ତରିକତା ସହିତ ଏବଂ ବିଶ୍ୱସ୍ତତାରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ଏପରି ଲୋକମାନଙ୍କୁ ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ପ୍ରଦାନ କରିଛନ୍ତି । ଯେଉଁମାନେ ଇସଲାମ୍ ର ବାର୍ତାକୁ ଏ ଦୁନିଆରେ ବିସ୍ତାର କରିଚାଲିଛନ୍ତି । ଅଲ୍ଲାଃତାଲା ସର୍ବଦା ଏପରି ନିସ୍ୱାର୍ଥପର ଲୋକ ଆମ ଜମାଅତକୁ ପ୍ରଦାନ କରିଚାଲନ୍ତୁ , ଯେଉଁମାନେ ସେବାକାର୍ଯ୍ୟ ବି କରିଚାଲୁଥିବେ । ତାଙ୍କର ପାଂଚ ଜଣ ପୁଅ ଏବଂ ଛଅ ଜଣ ଝିଅ ଅଛନ୍ତି । ଅଲ୍ଲାଃଙ୍କ କୃପାରୁ ସମସ୍ତେ ଅହେମଦୀୟତ୍ ଉପରେ ପ୍ରତିଷ୍ଠିତ ଅଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ସ୍ଥିରତା ପ୍ରଦାନ କରନ୍ତୁ ଏବଂ ନିଜ ବାପାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଜୁମା ନମାଜ ପରେ ମୁଁ ଏହି ସମସ୍ତ ଲୋକମାନଙ୍କର ନମାଜ ଜନାଯାଃ ଗାଏବ୍ ପଢ଼ାଇବି ।

ꕤꕤꕤꕤꕤꕤꕤꕤꕤꕤ

# : ଖୁତ୍‌ବା ଜୁମା :

ପବିତ୍ର କୁରଆନ୍ ଏବଂ ଆଁ ହଜରତ୍ ସ ଆ ସଙ୍କ ପବିତ୍ର କଥନ ଓ କାର୍ଯ୍ୟାବଳୀ ସେହିପରି ପବିତ୍ର ହଦିସର ଆଲୋକରେ ପୂର୍ବରୁ ଏହା ବର୍ଣ୍ଣନା କରା ସରିଛି ଯେ ନା ତ ଆଁ ହଜରତ୍ ସ ଆ ସ କେବେ ବି ନବୁଓ୍ୱତର ଦାବି କରିବାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ନା ହଜରତ୍ ଅବୁ ବକର୍ ର ଅଙ୍କ ଏହି ଯୁଦ୍ଧ ଅଭିଯାନଗୁଡ଼ିକ କେବଳ ଏଇଥିପାଇଁ କରାଯାଇଥିଲା ଯେ ନବୁଓ୍ୱତର ମିଥ୍ୟାଦାବିଦାରମାନଙ୍କର ମୂଳୋତ୍ପାଟନ କରାଯାଇଥାନ୍ତା,ବରଂ ଅସଲ କଥା ହେଉଛି ଏହା କି ସେମାନେ (ଅର୍ଥାତ ବିଦ୍ରୋହୀମାନେ) ଯୁଦ୍ଧ କରିବା ପାଇଁ ଆଗ୍ରହୀ ଥିଲେ ।

## ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୧୫ ଜୁଲାଇ ୨୦୨୨ ଅନୁଯାୟୀ ୧୫ୱଫା ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ ۝ الرَّحْمٰنِ الرَّحِيْمِ ۝ مٰلِكِ يَوْمِ الدِّيْنِ ۝ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۝
اِهْدِنَا الصِّرَاطَ الْمُسْتَقِيْمَ ۝ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۝

ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ଖିଲାଫତ୍ ସମୟରେ ମୁରତଦ୍ଦୀନ୍ (ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ଇସଲାମର ବିଦ୍ରୋହ କରୁଥିବା ଲୋକେ )ଏବଂ ବିଦ୍ରୋହୀ ମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯାନଗୁଡ଼ିକ କରାଯାଇଥିଲା, ସେ ବିଷୟରେ ବିଗତ ଖୁତବାଗୁଡ଼ିକରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ କିନ୍ଦା ଏବଂ ହଜରେମୌତ୍ ଅଂଚଳରେ ଥିବା ମୁରତଦ୍ଦୀନ୍ (ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ଇସଲାମର ବିଦ୍ରୋହ କରୁଥିବା ଲୋକେ )ଏବଂ ବିଦ୍ରୋହୀ ମାନଙ୍କ ବିରୁଦ୍ଧରେ ହଜରତ୍ ମୁହାଜିର୍ ର ଅ ଏବଂ ହଜରତ୍ ଇକ୍‌ରମା ର ଅ ଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଆହୁରି ସ୍ପଷ୍ଟ କରାଯାଇଅଛି ଯେ ଯେତେବେଳେ ହଜରତ୍ ମୁହାଜିର୍ ର ଅଙ୍କୁ ସନାଅଠାରେ ସ୍ଥାପିତ ହେଲେ ,ସେଠାରେ ସେ ସୁଦୃଢ ହୋଇଗଲେ । ସେତେବେଳେ ସେ ହଜରତ୍ ଅବୁ ବକର୍ ର ଅଙ୍କୁ ଚିଠି ଜରିଆରେ ନିଜର ସମସ୍ତ କାର୍ଯ୍ୟକଳାପ ଏବଂ ପ୍ରକ୍ରିୟା ବିଷୟରେ ଅବଗତ କରାଇଲେ ଏବଂ ଉତର ଅପେକ୍ଷାରେ ରହିଲେ । ସେହି ସମୟରେ ହଜରତ୍ ମୁଆଜ୍ ବିନ୍ ଜବଲ୍ ଏବଂ ୟମନର ଅନ୍ୟ ଉମ୍ମାଲ(କର୍ମକର୍ତା)ଗଣ୍ ଯେଉଁମାନେ ରସୁଲୁଲ୍ଲାଃ ସ ଆ ସଙ୍କ ସମୟରୁ ସେଠାରେ କାର୍ଯ୍ୟ କରିଆସୁଥିଲେ,ସେମାନେ ହଜରତ୍ ଅବୁ ବକର୍ ର ଅଙ୍କୁ ନିବେଦନ ପୂର୍ବକ ଚିଠି ଲେଖି ମଦିନା ଫେରିଯିବା ପାଇଁ ଅନୁମତି ଲୋଡ଼ିଲେ । ଏଥିରେ ହଜରତ୍ ଅବୁ ବକର୍ ର ଅ ମୁଆଜ୍ ବିନ୍ ଜବଲ୍ ର ଅ ଏବଂ ତାଙ୍କ ସହିତ ଅନ୍ୟ ଉମ୍ମାଲମାନଙ୍କୁ ଏ ଅଧିକାର ଦେଲେ ଯେ ସେମାନେ ଯଦି ଚାହିଁବେ ୟମନରେ ରହି ପାରନ୍ତି ବା ଯଦି ଚାହିଁବେ ମଦିନା ଆସି ପାରନ୍ତି କିନ୍ତୁ ନିଜ ସ୍ଥାନରେ କାହାକୁ ନିଯୁକ୍ତି ଦେଇ ଆସନ୍ତୁ । ଏହି ଅକ୍ତିଆର ମିଳିବା ପରେ ସେମାନେ ସମସ୍ତେ ମଦିନାକୁ ଫେରି ଆସିଲେ ଏବଂ ହଜରତ୍ ମୁହାଜିର୍‌ଙ୍କୁ ଆଦେଶ ମିଳିଲା ଯେ ସେ ଇକରମା ସହିତ ଯାଇ ଭେଟ କରନ୍ତୁ । ପୁଣି ଉଭୟେ ମିଶି ହଜରେମୌତ୍ ପହଂଚନ୍ତୁ ଏବଂ ଜିୟାଦ୍ ବିନ୍ ଲବିଦ୍‌ଙ୍କୁ ସମର୍ଥନ କରନ୍ତୁ । ସେମାନଙ୍କୁ ସେମାନଙ୍କ ପଦବୀ/ସ୍ଥିତି ରେ କାଏମ୍ ରଖି ନିର୍ଦ୍ଦେଶ ଦେଲେ ଯେ ତୁମ ସହିତ ମିଶି ଯେଉଁ ଲୋକମାନେ ମକ୍କା ଏବଂ ୟମନ୍ ମଧ୍ୟରେ ଜିହାଦ୍ କରିଛନ୍ତି ,ସେମାନଙ୍କୁ ଫେରିବା ପାଇଁ ଅନୁମତି ଦେଇଦିଅ । ଯଦି ଫେରିବାକୁ ଚାହୁଁଛନ୍ତି ତାହେଲେ ଫେରିଆସନ୍ତୁ କିନ୍ତୁ ନିଜକୁ ଜିହାଦ୍ କରିବା ପାଇଁ ଅଗ୍ରାଧିକାର ଦିଅନ୍ତୁ । **(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୦୫ ଅଲଫୁରକାନ୍ ଷ୍ଟ୍ରିଟ୍ ଖାନ୍ ଗଢ଼)** କିନ୍ତୁ ଯେପର୍ଯ୍ୟନ୍ତ ଲୋକମାନେ ନିଜେ ଜିହାଦରେ ସାମିଲ୍ ହେବାକୁ ନଚାହିଁଛନ୍ତି ।

ଇକରମାଃଙ୍କୁ ହଜରତ୍ ଅବୁ ବକର୍ ର ଅଙ୍କ ଚିଠି ମିଳିଲା । ସେଥିରେ ତାଙ୍କୁ ଆଦେଶ ଦିଆଯାଇଥିଲା ଯେ ସେ ଯାଇ ସନାଅରୁ ଆସୁଥିବା ମୁାହଜିର୍ ବିନ୍ ଅବୁ ଉମୈୟାଃଙ୍କ ସହିତ ଭେଟନ୍ତୁ । ପୁଣି ଉଭୟେ ମିଶି କିନ୍ଦା କବିଲା ଆଡ଼କୁ ଯାଆନ୍ତୁ । ଏହି ଚିଠିଟିକୁ ପାଇ ଇକରମାଃ ମହରାରୁ ବାହାରିଲେ ଏବଂ ଅବୟନଠାରେ ରହି ମୁହାଜିର୍ ବିନ୍ ଅବୁ ଉମୈୟାଙ୍କୁ ଅପେକ୍ଷା କଲେ । ଅବୟନ ମଧ୍ୟ ୟମନର ଗୋଟିଏ ବସ୍ତିର ନାମ ଥିଲା ।

**(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୦୫ ଅଲଫୁରକାନ୍ ଷ୍ଟ୍ରିଟ୍ ଖାନ୍ ଗଢ଼)**

କିନ୍ଦା କବିଲାର ମୁରତଦ୍ଦୀନ୍ ଅର୍ଥାତ୍ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ନିଆଯାଇଥିବା ପଦକ୍ଷେପ ବିଷୟରେ ତାରିଖେ ତିବରୀ (ଅର୍ଥାତ୍ ତିବରୀ ଲେଖିଥିବା ଇତିହାସ)ରେ ଏହା ଉଲ୍ଲେଖ ରହିଛି ଯେ ଇରତାଦ୍ (ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ଇସଲାମର ବିଦ୍ରୋହ କରିବା)ପୂର୍ବରୁ ଯେବେ କିନ୍ଦା ଏବଂ ହଜରେ ମୌତ୍ ର ସମଗ୍ର ଅଂଚଳ ଇସଲାମ୍ ଧର୍ମ କରନେଥଲା,ସେମାନଙ୍କଠାରୁ ଜକାତ ଆଦାୟ କରିବା ବିଷୟରେ ରସୁଲୁଲ୍ଲାଃ ସ ଆ ସ ଏ ଆଦେଶ ଦେଇଥିଲେ ଯେ ହଜରେ ମୌତ୍ ଅଂଚଳରୁ କିଛି ଲୋକମାନଙ୍କ ଜକାତ୍ କିନ୍ଦାରେ ଏକତ୍ରିତ କରାଯାଉ ଏବଂ କିନ୍ଦାବାସୀଙ୍କ ମଧ୍ୟରୁ କିଛି ଲୋକଙ୍କ ଜକାତ୍ ନେଇ ହଜରେମୌତ ଅଂଚଳରେ ଜମା କରାଯାଉ । ଅର୍ଥାତ ତାହୁ ସେଠାକୁ ପଠାଇଦିଆଯାଉ । ପରସ୍ପର ମଧ୍ୟରେ ଖର୍ଚ୍ଚ କରାଯାଇପାରିବ । ସେହିପରି ହଜରେମୌତର ଅଧିବାସୀମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଜକାତ୍ ନେଇ ସକୁନରେ ଜମା କରାଯାଉ ଏବଂ ସକୁନର ଅଧିବାସୀମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଜକାତ୍ ନେଇ ହଜରେମୌତରେ ଜମା କରିଦିଆଯାଉ । ଏଥିରେ କିନ୍ଦାର କିଛି ଲୋକେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମ ନିକଟରେ ଓଟ ନାହିଁ । ଯଦି ଆପଣ ଉଚିତ ମଣିବେ ତାହେଲେ ଏମାନେ ଘୋଡ଼ା ଉପରେ ବସି ଆମ ନିକଟରେ ଜକାତର ଧନ ପହଂଚାଇଦେବେ । ରସୁଲୁଲ୍ଲାଃ ସ ଆ ସ ସେମାନଙ୍କୁ କହିଲେ,ଅର୍ଥାତ ହଜରେମୌତର ଲୋକମାନଙ୍କୁ କହିଲେ ଯେ ତୁମେମାନେ ଏମିତି କରିପାରିବେ ତାହେଲେ କରନ୍ତୁ । ସେମାନେ କହିଲେ ଆମେ ଦେଖିବୁ । ଯଦି ସେମାନଙ୍କ ନିକଟରେ (ଜିନିଷ ବୋହିବା ପାଇଁ) ପଶୁ ନଥିବେ ତାହେଲେ ଅମେ କରିବୁ । ପୁଣି ଯେତେବେଳେ ରସୁଲୁଲ୍ଲାଃ ସ ଆ ସଙ୍କ ଦେହାନ୍ତ ହୋଇଗଲା ଓ ଜକାତ ଆଦାୟ କରିବାର ସମୟ ଆସିଗଲା ,ଜିୟାଦ୍ ଲୋକମାନଙ୍କୁ ତାଙ୍କ ନିକଟକୁ ଡ଼ାକିଲେ । ସେମାନେ ତାଙ୍କ ନିକଟରେ ହାଜିର ହେଲେ । ବନୁ ୱଲିୟା ଅର୍ଥାତ୍ କିନ୍ଦାବାସୀ କହିଲେ ଯେ ତୁମେ ରସୁଲୁଲ୍ଲାଃ ସ ଆ ସଙ୍କ ନିକଟରେ ଏ ପ୍ରତିଜ୍ଞା କରିଥିଲ ଯେ ଜକାତର ଧନକୁ ଆମ ନିକଟରେ ପହଂଚାଇଦେବ । ଏଥିରେ ସେ ପଚାରିଲେ ଯେ କ'ଣ ତୁମମାନଙ୍କ ନିକଟରେ ସାମାନ ବୋହିବା ପାଇଁ କିଛି ପଶୁ ଅଛନ୍ତି କି ? ନିଜର ପଶୁମାନଙ୍କୁ ଆଣନ୍ତୁ ଏବଂ ଜକାତର ଧନ ନେଇଯାଆନ୍ତୁ । ସେ ନିଜେ ଜକାତର ଧନକୁ ସେମାନଙ୍କ ନିକଟରେ ପହଂଚାଇବାକୁ ମନା କରିଦେଲେ । ସେହିପରି କିନ୍ଦି ନିଜର ଦାବି ଉପରେ ଜୋର ଦେଉଥିଲେ । ତାପରେ ସେମାନେ ନିଜ ଘରକୁ ଲେଉଟି ଚାଲିଗଲେ । ତାଙ୍କର ଆଚରଣ ଦ୍ୱନ୍ଦରେ ରହୁଥିଲା । ସେମାନଙ୍କର ଗୋଟିଏ ପାଦ ଆଗକୁ ବଢୁଥିଲା ତ ଆଉ ଗୋଟିଏ ପାଦ ପଛକୁ । ଜିୟାଦ୍ ର ଅ ମୁହାଜିରଙ୍କ ଅପେକ୍ଷାରେ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ/ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରୋକି ରହିଥିଲେ । ଅର୍ଥାତ ହଜରତ୍ ମୁହାଜିର୍ ର ଅ ଆସି ନପହଂଚିବା ପର୍ଯ୍ୟନ୍ତ ଯେଉଁମାନେ ଜକାତ ଦେବାକୁ ମନା କରୁଥିଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ । ଯେବେ ହଜରତ୍ ଅବୁ ବକର୍ ର ଅ ହଜରତ୍ ମୁହାଜିର୍ ଏବଂ ହଜରତ୍ ଇକରମାଃ ର ଅ ଙ୍କୁ ଏ ଚିଠି ଲେଖିଲେ ଯେ ତୁମେ ଦୁହେଁ ହଜରେମୌତ୍ ଚାଲିଯାଅ ଓ ଜିୟାଦ୍‌ଙ୍କୁ ତାଙ୍କ ଦାୟିତ୍ୱ ନିର୍ବାହ କରିବାକୁ ଦିଅ । ମକ୍କାଠାରୁ ନେଇ ୟମନର ମଧ୍ୟଭାଗରେ ଥିବା ଇଲାକାର ଲୋକମାନଙ୍କ ମଧ୍ୟରେ ଯେଉଁମାନେ ତୁମ ସହିତ ଅଛନ୍ତି ,ସେମାନଙ୍କୁ ଫେରିଯିବା ପାଇଁ ଅନୁମତି ଦେଇଦିଅ । କେବଳ ସେମାନଙ୍କ ବ୍ୟତୀତ ଯେଉଁମାନେ ସ୍ୱଇଚ୍ଛାରେ ଜିହାଦରେ ସାମିଲ୍ ହେବା ଚାହୁଁଛନ୍ତି । ଉବୈଦାଃ ବିନ୍ ସାଆଦ୍ ଙ୍କୁ ଜିୟାଦ୍‌ଙ୍କୁ ସାହାଯ୍ୟ କରିବା ପାଇଁ ପଠାଇଦିଅ । ଅତଃ ହଜରତ୍ ମୁହାଜିର୍ ର ଅ ଏହି ଆଦେଶକୁ ପାଳନ କଲେ । ସେ ସନାଅଠାରୁ ହଜରେ ମୌତ୍ ଉଦ୍ଦେଶ୍ୟରେ ଯାତ୍ରାରେ ବାହାରି ପଡ଼ିଲେ । ଇକରମାଃ ର ଅ ଅବୟନ୍‌ରୁ ହଜରେମୌତ୍ ଉଦ୍ଦେଶ୍ୟରେ ବାହାରିଲେ ଏବଂ ମାଆରିବ ନାମକ ସ୍ଥାନରେ ଦୁହେଁ ଭେଟିଲେ । ଉଭୟ ସୁହୈଦ୍ ମରୁଭୂମିକୁ ପାରି ହୋଇ ହଜରେ ମୌତଠାରେ ପହଂଚିଗଲେ । ଯେବେ କିନ୍ଦି ହଜରତ୍ ଜିୟାଦଙ୍କ ଉପରେ ନାରାଜ ହୋଇ ଚଇଲିଗଲେ,ହଜରତ୍ ଜିୟାଦ୍ ବନୁ

ଅମରୋଙ୍କ ଠାରୁ ଜକାତ ସଂଗ୍ରହ କରିବାର ଦାୟିତ୍ୱ ନିଜେ ବହନ କଲେ । କିନ୍ଦାର ଜଣେ ଯୁବକ ହଜରତ୍ ଜିୟାଦଙ୍କୁ ଭୁଲରେ ନିଜ ଭାଇର ଓଟଟିକୁ ଜକାତରେ ଦେଇଦେଲେ । ହଜରତ୍ ଜିୟାଦ୍ ର ଅ ତାକୁ ନିଆଁରେ ଦାଗ ଲଗାଇ ଜକାତର ଚିହ୍ନ ଲଗାଇଦେଲେ । ମୋହର ଲଗାଇଦେଲେ ଯେ ଏହା ବଇତୁଲ୍ ମାଲର ସମ୍ପତି ଅଟେ ଏବଂ ଜକାତର ଧନ ଅଟେ । ଯେବେ ସେହି ଯୁବକ ଜଣକ ଓଟଟିକୁ ବଦଳାଇବା ପାଇଁ କହିଲା ଯେ ଏହା ମୋ ଭୂଲ ଯୋଗୁଁ ହୋଇଯାଇଥିଲା । ଏଥିରେ ହଜରତ୍ ଜିୟାଦ୍ ର ଅ ଭାବିଲେ ଯେ କାଳେ ଇଏ ବାହାନା କରୁଛି, ସେଥିପାଇଁ ସେ ରାଜି ହେଲେ ନାହିଁ । ଏଥିରେ ସେ ଅର୍ଥାତ୍ ଓଟ ଦେଇଥିବା ଲୋକଟି ନିଜ କବିଲାର ଲୋକମାନଙ୍କୁ ଏବଂ ଅବୁ ସୁମୈତ୍‌କୁ ସାହାଯ୍ୟ କରିବା ପାଇଁ ଡ଼ାକିଲା । ଅବୁ ସୁମୈତ୍ ଯେବେ ହଜରତ୍ ଜିୟାଦ୍ ର ଅ ଙ୍କୁ ଓଟ ବଦଳାଇବାକୁ କହିଲା କିନ୍ତୁ ହଜରତ୍ ଜିୟାଦ୍ ର ଅ ନିଜ ନିଷ୍ପତିରେ ଅଟଳ ଥିଲେ । ଅବୁ ସୁମୈତକୁ କ୍ରୋଧ ଆସିଲା । ସେ ଜୋର ଜବ୍ରଦସ୍ତି ଓଟଟିକୁ ଖୋଲିଦେଲା । ଏଥିରେ ହଜରତ୍ ଜିୟାଦ୍ ର ଅ ଙ୍କ ସାଥିମାନେ ଅବୁ ସୁମୈତ୍ ଏବଂ ତା ସାଥିମାନଙ୍କୁ ବନ୍ଦି କରିନେଲେ ଓ ଓଟଟିକୁ ବି କବ୍‌ଜା କରିନେଲେ । ସେମାନେ ପରସ୍ପରକୁ ସାହାଯ୍ୟ ପାଇଁ ଡ଼ାକିଲେ । ସୁତରାଂ ବନୁ ମୁଆଓ୍ୱିୟା ଅବୁ ସୁମୈତ୍‌କୁ ସାହାଯ୍ୟ କରିବା ପାଇଁ ଧାଇଁ ଆସିଲେ । ବନୁ ମୁଆଓ୍ୱିୟା ହେଉଛନ୍ତି ସେହି ଲୋକେ ଯେ ବନୁ ହାରିସ୍ ବିନ୍ ମୁଆଓ୍ୱିୟା ଏବଂ ବନୁ ଅମରୋ ବିନ୍ ମୁଆଓ୍ୱିୟା କିନ୍ଦା କବିଲାର ଶାଖା ଥିଲେ । ସେମାନେ ହଜରତ୍ ଜିୟାଦ୍ ର ଅଙ୍କୁ ନିଜ ସାଥିମାନଙ୍କୁ ମୁକ୍ତ କରିବା ପାଇଁ ଦାବି କରିଥିଲେ କିନ୍ତୁ ହଜରତ୍ ଜିୟାଦ୍ ର ଅ ସେମାନଙ୍କୁ ସେଠାରୁ ଚାଲିଯିବା ପାଇଁ କହିଥିଲେ । ସେମାନେ ନଯିବା ପର୍ଯ୍ୟନ୍ତ କଏଦି ମାନଙ୍କୁ ମୁକ୍ତ କରିବେ ନାହିଁ ବୋଲି କହିଦେଲେ । ଅର୍ଥାତ ସେ କହିଲେ ଯେ ତୁମେମାନେ ଚଲିଯାଅ ତାପରେ ମୁଁ ଦେଖିବି । ଯେତେବେଳେ ସେମାନେ ସେଠାରୁ ନଗଲେ,ହଜରତ୍ ଜିୟାଦ୍ ସେମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କର ଅନେକ ଲୋକଙ୍କୁ ହତ୍ୟା କରିଦେଲେ,ଆଉ କିଛି ଲୋକେ ସେଠାରୁ ପଳାୟନ କଲେ । ହଜରତ୍ ଜିୟାଦ୍ ର ଅ ଫେରି ଆସି ସେମାନଙ୍କ କଏଦିମାନଙ୍କୁ ମୁକ୍ତ କରିଲେ ଏବଂ ସେହି ଲୋକମାନେ ସେଠାରୁ ଫେରିଯାଇ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଲେ । ସୁତରାଂ ବନୁ ଅମରୋ, ବନୁ ହାରିସ୍ ଏବଂ ଅଶଅତ୍ ବିନ୍ କୈସ୍ ଏବଂ ସିମତ ବିନ୍ ଅସଓ୍ୱତ୍ ନିଜ ନିଜର ମୋର୍ଚ୍ଚା (ଫ୍ରଂଟ୍)କୁ ଚାଲିଗଲେ ଓ ସେମାନେ ଜକାତ ଦେବା ପାଇଁ ମନାକରିଦେଲେ ଏବଂ ସେମାନେ ବିଦ୍ରୋହ କରିବାକୁ ଲାଗିଲେ । ଏହା ଦେଖି ହଜରତ୍ ଜିୟାଦ୍ ର ଅ ସେନା ଏକାଠି କରି ବନୁ ଅମରୋ ଉପରେ ଆକ୍ରମଣ କରିଦେଲେ । ତାଙ୍କର ଅନେକ ଲୋକେ ନିହତ ହେଲେ । ଯେଉଁମାନେ ପଳାୟନ କରିପରିବାରେ ସମର୍ଥ ଥିଲେ ,ସେମାନେ ପଳାୟନ କରିଲେ । ଗୋଟିଏ ବଡ଼ ସଂଖ୍ୟାର ଲୋକଙ୍କୁ ହଜରତ୍ ଜିୟାଦ୍ ର ଅ ବନ୍ଦି କରି ମଦିନା ପଠାଇଦେଲେ । ରାସ୍ତାରେ ଅଶଅତ୍ ଏବଂ ବନୁ ହାରିସ୍‌ର ଲୋକମାନେ ଆକ୍ରମଣ କରି ମୁସଲମାନମାନଙ୍କ ନିକଟରୁ ସେମାନଙ୍କ ବନ୍ଦି ମାନଙ୍କୁ ଛଡ଼ାଇନେଇଥିଲେ । ଏହି ଘଟଣା ପରେ ଆଖପାଖର ଅନେକ ପଡ଼ୋଶୀ କବିଲା ମଧ୍ୟ ସେମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ସେମାନେ ବି ବିଦ୍ରୋହର ଘୋଷଣା କରିଦେଲେ । ଏଥିରେ ହଜରତ୍ ଜିୟାଦ୍ ର ଅ ସାହାଯ୍ୟ ନମନ୍ତେ ହଜରତ୍ ମୁହାଜିର୍ ର ଅଙ୍କ ନିକଟକୁ ଚିଠି ଲେଖି ପଠାଇଲେ । ହଜରତ୍ ମୁହାଜିର୍ ର ଅ ହଜରତ୍ ଇକରମାଃ ର ଅଙ୍କୁ ନିଜର ନାଏବ୍ (ଡ଼େପୁଟି) କରିଲେ ଏବଂ ନିଜ ସାଥିମାନଙ୍କୁ ନେଇ କିନ୍ଦା ଉପରେ ଆକ୍ରମଣ କରିଲେ । କିନ୍ଦାର ଲୋକମାନେ ପଳାୟନ କରି ନୁଜୈର୍ ନାମକ ଗୋଟିଏ ଦୁର୍ଗରେ ନିଜକୁ ଆବଦ୍ଧ କରିଦେଲେ । ଏହା ବି ୟମନର ଗୋଟିଏ କିଲ୍ଲା ଥିଲା,ଏବଂ ତାହା ହଜରେମୌତ୍ ନିକଟରେ ଥିଲା । ଏହି ଦୁର୍ଗର ତନୋଟି ରାସ୍ତା ଥିଲା । ଗୋଟିଏ ରାସ୍ତାରେ ହଜରତ୍ ଜିୟାଦ୍ ର ଅ ଓହ୍ଲାଇଲେ । ଦ୍ୱିତୀୟ ରାସ୍ତା ଉପରେ ହଜରତ ମୁହାଜିର୍ ଡ଼େରା ପକାଇଲେ ଏବଂ ତୃତୀୟ ରାସ୍ତାଟି କିନ୍ଦା ଅଧିନରେ ରହିଲା । ଏହିପରି ପରିସ୍ଥିତିରେ ହଜରତ୍ ଇକରମାଃ ଆସି ପହଂଚିଗଲେ ଏବଂ ସେହି ରାସ୍ତାକୁ ମଧ୍ୟ ଦଖଲ କରିନେଲେ । ହଜରତ୍ ଜିୟାଦ୍ ର ଅ ଏବଂ ହଜରତ୍ ମୁହାଜିର୍ ର ଅ ଙ୍କ ସେନା ପାଂଚ ହଜାର୍ ମୁହାଜିର୍ ଏବଂ ଅନସାରି ସାହାବାଃ ବିଶିଷ୍ଟ ତଥା ଅନ୍ୟାନ୍ୟ କବିଲାଗୁଡ଼ିକୁ ନେଇ ଗଠିତ ଥିଲା । ଯେତେବେଳେ ନୁଜୈର୍ କିଲ୍ଲା ଭିତରେ ଆବଧ ହୋଇ ରହିଥିବା ଅଧିବାସୀମାନେ ଏହା ଦେଖିଲେ ଯେ ମୁସଲମାନ୍ ମାନଙ୍କୁ ବରାବର୍ ସାହାଯ୍ୟ ସହଯୋଗ ମିଳିଚାଲିଛି ,ସେମାନେ ଭୟଭୀତ ହୋଇଗଲେ । ଏହି କାରଣରୁ ,ସେମାନଙ୍କର ନେତା ଅଶଅତ୍ ତୁରନ୍ତ ହଜରତ୍ ଇକରମାଃ ର ଅ ଙ୍କ ନିକଟରେ ଯାଇ ପହଂଚି ଶାନ୍ତି ଭିକ୍ଷା କଲେ । ହଜରତ୍ ଇକରମାଃ ର ଅ ଅଶଅତ୍‌ଙ୍କୁ ଧରି ହଜରତ୍ ମୁହାଜିର୍ ର ଅଙ୍କ ନିକଟରେ ପହଂଚିଲେ । ଅଶଅତ୍ ନିଜ ପାଇଁ ଏବଂ ନିଜ ସାଥି ନଅ (୯) ଜଣଙ୍କ ନିଶ୍ଚିତ ସୁରକ୍ଷାକୁ ସର୍ତରେ ରଖି କିଲ୍ଲାର ଫାଟକକୁ ମୁସଲମାନମାନଙ୍କ ପାଇଁ ଖୋଲିଦେବାକୁ ପ୍ରସ୍ତୁତ ହୋଇଗଲେ । ହଜରତ୍ ମୁହାଜିର୍ ର ଅ ଏହି ସର୍ତକୁ ସ୍ୱୀକାର କଲେ । ଯେତେବେଳେ ଅଶଅତ୍ ନଅ ଜଣ ଲୋକଙ୍କ ନାମ ଲେଖାଇଲେ , ସେ ଭୟରେ ଶୀଘ୍ର ଶୀଘ୍ର ନିଜ ନାମକୁ ଲେଖିବାପାଇଁ ଭୂଲିଗଲେ । ତାପରେ ସେ ମୁହାଜିର୍ ର ଅଙ୍କ ନିକଟକୁ ଲେଖାଟିକୁ ନେଇ ଗଲା । ସେଥିରେ ସେ ମୋହର ଲଗାଇଦେଲେ । ତାପରେ ଅଶଅତ୍ ସେଠାରୁ ଚାଲିଗଲା । ଯେବେ ସେ ଯାଇ ଦୁର୍ଗର ଫାଟକକୁ ଖୋଲିଦେଲା ,ମୁସଲମାନମାନେ ସେଥିରେ ଦାଖଲ ହୋଇଗଲେ । ଦୁଇ ଦଳଙ୍କ ମଧ୍ୟରେ ସଂଘର୍ଷ ହେବା ଫଳରେ ସାତ ଶହ କିନ୍ଦାବାସୀଙ୍କର ମୃତ୍ୟୁ ହେଲା । କିଲ୍ଲାର ଅଧିବାସୀମାନେ ବି ସମ୍ମୁଖକୁ ଆସି ଯୁଦ୍ଧ କଲେ । ସେ ଯାହା ବି ହେଉ ସେମାନଙ୍କର ଲୋକେ ମୃତ୍ୟୁ ବରଣ କଲେ । ସେଠାରେ ଏକହଜାର ମହିଳାଙ୍କୁ ବନ୍ଦୀ କରାଯାଇଥିଲା । ପୁଣି ହଜରତ୍ ମୁହାଜିର୍ ର ଅ ଶାନ୍ତିପତ୍ର/ଚୁକ୍ତିପତ୍ର ମଗାଇଲେ । ସେଥିରେ ଦରଜ କରାଯାଇଥିବା ସମସ୍ତ ଲୋକଙ୍କୁ କ୍ଷମା କରାଗଲା । କିନ୍ତୁ ସେଥିରେ ଅଶଅତ୍ ର ନାମ ଲେଖାନଥିଲା । ଏଥିରେ ହଜରତ୍ ମୁହାଜିର୍ ର ଅ ତାକୁ ହତ୍ୟା କରିବା ପାଇଁ ମନସ୍ଥ କରିନେଲେ,କିନ୍ତୁ ହଜରତ୍ ଇକରମାଃ ର ଅ ଙ୍କ ଅନୁରୋଧ କ୍ରମେ ତାକୁ ଅନ୍ୟ କଏଦି ମାନଙ୍କ ସହିତ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପଠାଇଦିଆଗଲା ଯେ ହଜରତ ଅବୁ ବକର୍ ର ଅ ଏ ବିଷୟରେ ନିଜର ନିଷ୍ପତି ନେଇପାରିବେ । ଯେବେ ମୁସଲମାନ୍‌ମାନେ ଏହି ବିଜୟ ଖବର ସହିତ କଏଦିମାନଙ୍କୁ ଧରି ହଜରତ୍ ଅବୁ ବକର୍ ର ଅଙ୍କ ନିକଟରେ ହାଜର ହେଲେ, ହଜରତ୍ ଅବୁ ବକର୍ ର ଅ ଅଶଅତ୍‌କୁ ଡ଼କାଇଲେ ଓ କହିଲେ ଯେ ତୁମେ ବନୁ ଓ୍ୱଲିୟାର ଧୋକାରେ ଆସିଗଲ ଅର୍ଥାତ ସେମାନଙ୍କ ପ୍ରତାରଣାରେ ଆସିଗଲ । ସେମାନେ ଏପରି ନୁହନ୍ତି ଯେ ତୁମେ ସେମାନଙ୍କୁ ପ୍ରତାରଣା କରିପାରିବ ଏବଂ ସେମାନେ ମଧ୍ୟ ତୁମମାନଙ୍କୁ ଏହି କାମ ପାଇଁ ଉପଯୁକ୍ତ ମଣୁନାହାନ୍ତି । ସେମାନେ ନିଜେ ବି ଶେଷ ହେଲେ ଏବଂ ତୁମମାନଙ୍କୁ ବି ଶେଷ କରିଦେଲେ । କ'ଣ ତୁମେ ଏକଥାକୁ ଭୟ କରୁନାହଁ କି ଅଲ୍ଲାଃ ତାଲାଙ୍କ ରସୁଲଙ୍କ ଅଭିଶାପର ଗୋଟିଏ ଅଂଶ ତୁମକୁ ପହଂଚିଛି ବୋଲି ? ବାସ୍ତବିକ,ଅଲ୍ଲାତାଲାଙ୍କ ରସୁଲ୍ (ଦୂତ) ସ ଆ ସ କିନ୍ଦା କବିଲାର ଚାରିଜଣ ସର୍ଦ୍ଦାରଙ୍କୁ ଅଭିଶାପ ଦେଇଥିଲେ । ଯେଉଁମାନେ ଅଶଅତ୍ ସହିତ ଇସଲାମ୍ ଗ୍ରହଣ କରିଥିଲେ,କିନ୍ତୁ ପରେ ମୁରତଦ୍ ହୋଇଯାଇଥିଲେ । ଅର୍ଥାତ ଇସଲାମକୁ ଛାଡ଼ି ଇସଲାମର ବିଦ୍ରୋହ କରିଥିଲେ । ହଜରତ୍ ଅବୁ ବକର୍ ର ଅ କହିଛନ୍ତି: ତୁମେ କ'ଣ ଚିନ୍ତାକରୁଛ ଯେ ମୁଁ ତୁମ ସହିତ କି ବ୍ୟବହାର କରିବି ? ଅଶଅତ କହିଲେ ମତେ ଆପଣଙ୍କ ମତ ଜଣାନାହିଁ । ହଜରତ୍ ଅବୁ ବକର୍ ର ଅ କହିଲେ ଯେ ମୋ ମତରେ ତୁମକୁ ହତ୍ୟା କରିଦେବା ଉଚିତ । ସେ କହିଲା ମୁଁ ହେଉଛି ଏପରି ଲୋକ, ଯିଏ ନିଜ କୌମର ଦଶଜଣଙ୍କର ଜୀବନ ରକ୍ଷା ପାଇଁ ଚୁକ୍ତି କରାଇସାରିଛି । ତେଣୁ ମତେ କିପରି ହତ୍ୟା କରାଯାଇପାରିବ ? ହଜରତ୍ ଅବୁ ବକର୍ ର ଅ କହିଲେ ଯେ : ଯେତେବେଳେ ସେମାନେ ମାମଲାକୁ ତୁମ ଦାୟିତ୍ୱରେ ଦେଇଥିଲେ, ପୁଣି ତୁମେ ତାଙ୍କ ନିକଟକୁ ଆସିଲ, କ'ଣ ସେତେବେଳେ ସେମାନେ ସେହି ଲେଖା ଉପରେ ମୋହର ଲଗାଇଥିଲେ ? ସେ କହିଲା ହଁ ଆଜ୍ଞା । ହଜରତ୍ ଅବୁ ବକର୍ ର ଅ କହିଲେ ଯେ ଲେଖାଟି ସିଲ୍ ହେବା ପରେ ସେଥିରେ ଲେଖାଯାଇଥିବା ଶାନ୍ତି ଚୁକ୍ତି ଏବେ ବାଧ୍ୟତା ମୂଳକ ହୋଇଯାଇଛି । ଏହା ପୂର୍ବରୁ ତୁମେ କେବଳ ଶାନ୍ତିଚୁକ୍ତ ବିଷୟରେ କହୁଥିଲ । ଯେବେ ଅଶଅତ୍ ଭୟ କରିଲେ ଯେ ତାକୁ ହତ୍ୟା କରାଯିବ ,ସେ ନିବେଦନ କଲା ଯେ ,"ଯଦି ଆପଣ ମୋଠାରୁ କିଛି ଭଲକାମର ଆଶା ରଖିଥାଅ ତାହେଲେ ଏହି କଏଦିମାନଙ୍କୁ ମୁକ୍ତ କରିଦିଅ ଏବଂ ମୋ ଭୂଲ୍ କ୍ଷମା କରନ୍ତୁ ଏବଂ ମୋ ଇସଲମକୁ ଗ୍ରହଣ କରିନିଅନ୍ତୁ । ମୋ ସହିତ ସେହିପରି ବ୍ୟବହାର କରନ୍ତୁ ଯାହା ଆପଣ ମୋ ପରିକା ଲୋକମାନଙ୍କ ସହିତ ବ୍ୟବହାର କରିଥାନ୍ତି । ମୋ ପତ୍ନୀକୁ ମତେ ଫେରାଇ ଦିଅନ୍ତୁ । ଉଲ୍ଲେଖ ରହିଛି ଯେ ଏହି ଘଟଣା ପୂର୍ବରୁ ଥରେ ଅଶଅତ୍ ରସୁଲୁଲ୍ଲାଃ ସ ଆ ସଙ୍କ ସେବାରେ ଉପସ୍ଥିତ ହୋଇଥିଲା । ସେ ହଜରତ୍ ଅବୁ ବକର୍ ର ଅ ଙ୍କ ଭଉଣୀ ଉମ୍ମେ ଫରଓ୍ୱା ବିନତେ ଅବୁ କାହାଫାଃ ଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ । ହଜରତ୍ ଅବୁ କାହାଫାଃ ନିଜ ଝିଅକୁ ତାଙ୍କ ସହିତ ବିବାହ କରାଇଦେଇଥିଲେ । ରୁଖସତି (ଝିଅ ବିଦା)କରିବାର ସମୟକୁ ସେ ଏହା ଧାର୍ଯ୍ୟ କରିଥିଲେ ଯେ ପୂନର୍ବାାର ଯେତେବେଳେ ଅଶଅତ୍ ଆସିବେ ସେତେବେଳେ ସେ ଝିଅ ବିଦା କରିବେ । ଆଉଜଣେ ଲେଖକ ଉମ୍ମେ ଫରଓ୍ୱାଙ୍କୁ ହଜରତ୍ ଅବୁ ବକର୍ ର ଅଙ୍କ ଝିଅ ବୋଲି ଉଲ୍ଲେଖ କରିଛନ୍ତି । ଅବଶ୍ୟ ,ତାପରେ ରସୁଲୁଲ୍ଲାଃ ସ ଆ ସଙ୍କ ଦେହାନ୍ତ ହୋଇଗଲା । ପୁଣି ଅଶଅତ୍ ମୁରତଦ୍ ଏବଂ ବିଦ୍ରୋହୀ ହୋଇଗଲା । ସେଇଥିପାଇଁ ସେ ଭୟ କରୁଥିଲା ଯେ ତାଙ୍କ ପତ୍ନୀ ତାକୁ ହସ୍ତାନ୍ତର କରାଯିବ ନାହିଁ । ଅଶଅତ୍ ହଜରତ୍ ଅବୁ ବକର୍ ର ଅ ଙ୍କୁ ନିବେଦନ କରି କହିଲା ଯେ ଆପଣ ମତେ ଅଲ୍ଲାଃଙ୍କ ଦୀନ୍ (ଧର୍ମ) ରେ ପ୍ରତିଷ୍ଠିତ ରହିବାରେ ନିଜ ଇଲାକାରେ ସର୍ବୋତମ ଲୋକମାନଙ୍କ ମଧ୍ୟରେ ପାଇବେ । ଏଥିରେ ହଜରତ୍ ଅବୁ ବକର୍ ର ଅ ତା ଜୀବନ ରକ୍ଷା କଲେ ଏବଂ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**ଓଡ଼ିଆ ବଦର ସଂଖ୍ୟା ୩୮ ପୃ-୦୯ ରେ ପ୍ରକାଶିତ ଖୁତବା ଜୁମା ୦୧ ଜୁଲାଇ ୨୦୨୨ର ଅବଶିଷ୍ଟାଂଶ.....**

ସମୁଦ୍ର ଦୁଇଫାଳ ହୋଇଯିବା ଘଟଣା ଏହି ଜୁଆର ଭଟ୍ଟା ସହିତ ଜଡ଼ିତ । ହଜ୍‌ରତ୍ ମୁସା ଆ ସ ଏପରି ସମୟରେ ସମୁଦ୍ର ଭିତରେ ପ୍ରବେଶ କରିଥିଲେ ,ଯେତେବେଳେ ସମୁଦ୍ର ଭିତରେ କମ୍ ଜୁଆର ଥିଲା ଓ ସମୁଦ୍ର ପଛକୁ ହଟିଯାଇଥିଲା । ତାପରେ ପୁଣି ଫିରଔନ୍ ଆସି ପହଂଚିଲା । ଏହାର କାରଣ ହେଉଛି ଏହା କି ଅତି କମରେ ସେ ହଜ୍‌ରତ୍ ମୁସା ଆ ସଙ୍କ ବାହାରିବାର ଗୋଟିଏ ଦିନ ପରେ ବାହାରି ଥିଲା । ଯେନ ତେନ ପ୍ରକାରଣେ ସେ ଯେବେ ସମୁଦ୍ର ନିକଟରେ ପହଂଚିଲା , ସେତେବେଳକୁ ହଜରତ୍ ମୁସା ଆ ସ ସମୁଦ୍ରର ଅଧିକାଂଶ ଶୁଖିଲା ଭାଗକୁ ଅତିକ୍ରମ କରିଯାଇଥିଲେ । ଫିରଔନ୍ ଯେବେ ଦେଖିଲା ଯେ ସେମାନେ ସମୁଦ୍ରକୁ ପାରି ହୋଇଯାଉଛନ୍ତି ,ତେଣୁ ସେ ଯଥା ଶିଘ୍ର ନିଜ ରଥକୁ ସମୁଦ୍ର ଭିତରେ ଛୁଟାଇଦେଲା କିନ୍ତୁ ସମୁଦ୍ରର ବାଲି ଯେହେତୁ ସେତେବେଳେ ଓଦା ଥିଲା,ତେଣୁ ତାହା ତା ରଥ ପାଇଁ ଘାତକ ସାବ୍ୟସ୍ତ ହେଲା । ସୁତରାଂ ତା ରଥଗୁଡ଼ିକ ସେହି ସମୁଦ୍ର ବାଲିରେ ଅଟକିବାକୁ ଲାଗିଲା । ସୁତରାଂ ଏତେ ବିଳମ୍ବ ହୋଇଗଲା ଯେ ଜୁଆର ପୁଣି ଆସିଗଲା ଓ ପାଣି ବଢ଼ିବାକୁ ଲାଗିଲା । ଏବେ ତାପାଇଁ ଉଭୟ କଥା କଷ୍ଟକର ଥିଲା । ନା ତ ସେ ଆଗକୁ ବଢ଼ିପାରୁ ଥିଲା ଓ ନା ସେ ପଛକୁ ଫେରି ପାରୁଥିଲା । ପରିଣାମ ଏହି ହେଲା ଯେ ମଝି ସମୁଦ୍ର ଭିତରେ ସେମାନେ ରହିଗଲେ, ସେ ଓ ତାର ଅନେକ ସାଥି ସମୁଦ୍ର ଗର୍ଭରେ ଲୀନ ହୋଇଗଲେ । ଯେହେତୁ ସେତେବେଳେ ଜୁଆର ସମୟ ଚାଲିଥିଲା,ସମୁଦ୍ରର ପାଣି କୂଳକୁ ବଢିଚାଲୁଥିଲା, ତେଣୁ ସେହି ପାଣି ତାଙ୍କ ଶବଗୁଡ଼ିକୁ ଶୁଖିଲା ଭୂଇଁରେ ନେଇ ପକାଇଦେଲା । **(ଉଦ୍ଧୃତାଂଶ ତଫସୀର୍ କବୀର୍ ,ଖ-୦୧, ପୃ-୪୧୯-୪୨୨)**

ସେ ଯାହା ବି ହେଉ ମୁଁ ଏହା ବର୍ଣ୍ଣନା କରି ସାରିଛି ଯେ ମୁସଲମାନ୍ ମାନେ ଦାରୈନ୍‌ଠାରେ କୌଣସି ପ୍ରକାରେ ଯାଇ ପହଂଚିଯାଇଥିଲେ । ହୁଏତ ସେହି ପ୍ରକାରେ ଜୁଆର ଭଟ୍ଟା ଘଟିଥାଇପାରେ । ଦାରୈନ୍‌ଠାରେ ପହଂଚିବା ପରେ ମୁସଲମାନ୍ ଏବଂ ବିରୋଧିମାନଙ୍କ ମଧ୍ୟରେ ଯୁଦ୍ଧ ହେଲା । ସେହି ଯୁଦ୍ଧରେ ଭିଷଣ ରକ୍ତପାତ ହୋଇଥିଲା । ସେହି ଯୁଦ୍ଧରେ ସମସ୍ତେ ମରିଥିଲେ ଅର୍ଥାତ୍ ବିଦ୍ରୋହୀମାନେ ମରିଥିଲେ । କୌଣସି ସୂଚନାଦାତା ବି ବଂଚିନଥିଲେ । ମୁସଲମାନ୍ ମାନେ ସେମାନଙ୍କ ପରିବାରର ଲୋକମାନଙ୍କୁ ଦାସି ବା ଦାସ ବନାଇ ସେମାନଙ୍କ ସମ୍ପତି ଉପରେ କବ୍ଜା କରିନେଲେ । ପ୍ରତ୍ୟେକ ଅଶ୍ୱାରୋହୀଙ୍କୁ ଛଅ ଛଅ ହଜାର ଦିରହମ୍ ଏବଂ ପ୍ରତ୍ୟେକ ପଦାତିକ ସେନାକୁ ଦୁଇ ଦୁଇ ହଜାର୍ ଦିରହମ୍ ମାଲେ ଗନିମତ୍ (ଯୁଦ୍ଧରେ ଜିତିଥିବା ଧନ ସମ୍ପତି)ପାଇଲେ । ମୁସଲମାନମାନଙ୍କୁ ସମୁଦ୍ର କୂଳେ କୂଳେ ସେମାନଙ୍କ ନିକଟରେ ପହଂଚିବାକୁ ଦିନସାରା ସମୟ ଲାଗିଗଲା । ମୁସଲମାନମାନେ ନିଜର କାମ ଶେଷ କରି ପୁଣି ଲେଉଟିଗଲେ ।

ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ ଙ୍କ ଶହୀଦ୍ ହେବା ବିଷୟରେ ଉଲ୍ଲେଖ ରହିଛି ଯେ ହଜରତ୍ ଅଲାଅ ବିନ୍ ହଜରମୀ ର ଅ ସେଠାରେ ରହିବାକୁ ପସନ୍ଦ କରୁଥିବା ଲୋକମାନଙ୍କ ବ୍ୟତୀତ ବାକି ସମସ୍ତ ଲୋକମାନଙ୍କୁ ସେଠାରୁ ଫେରାଇଆଣଆଣିଥିଲେ । ଫେରିଆସିଥିବା ଲୋକମାନଙ୍କ ମଧ୍ୟରେ ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ ବି ଥିଲେ । ଅବ୍ଦୁଲ୍ଲାଃ ବିନ୍ ହୁଜୈଫା ର ଅ କୁହନ୍ତି ଯେ ଆମେ ବନୁ କୈସ୍ ବିନ୍ ସାଲବାଃଙ୍କ ଗୋଟିଏ ଝରଣା ନିକଟରେ ରହିଥିଲୁଁ ,ଲୋକାମନଙ୍କ ନଜର ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅଙ୍କ ଉପରେ ପଡ଼ିଗଲା ଓ ସେମାନେ ତାଙ୍କୁ ହୁତମର ପୋଷାକ(ବସ୍ତ୍ର) ପିନ୍ଧିଥିବାର ଦେଖିଲେ । ସେହି ବସ୍ତ୍ରଟି ହୁତମର ସେହି ବସ୍ତ୍ର ଥିଲା,ଯାହା ତାକୁ ହତ୍ୟା କରାଯିବା ପରେ ମାଲେ ଗନିମତ୍ ଭାବରେ ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ ଙ୍କୁ ମିଳିଥିଲା । ସେହି ଲୋକମାନେ ଜଣେ ଲୋକକୁ ଏ ବିଷୟରେ ଜାଣିବା ପାଇଁ ପଠାଇଲେ ଯେ ଯାଇ ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅଙ୍କୁ ପଚାରି ବୁଝନ୍ତୁ ଯେ ସେ ସେହି ବସ୍ତ୍ରଟିକୁ କେଉଁଠାରୁ ପାଇଥିଲେ ଓ ତାଙ୍କୁ ଏକଥା ପଚାରି ବୁଝିବ ଯେ କ'ଣ ସେ ହତମକୁ ବଧ କରିଥିଲେ କି ଆଉ କିଏ କରିଥିଲା ? ସେହି ଲୋକଟି ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅଙ୍କୁ ସେହି ବସ୍ତ୍ର ବିଷୟରେ ପଚାରିଲେ , ସେ କହିଲେ ଯେ ଏହା ମତେ ମାଲେ ଗନିମତରେ ମିଳିଛି । ପୁଣି ତାଙ୍କୁ ହତମକୁ ହତ୍ୟା କରାଯାଇଥିବା ପ୍ରସଙ୍ଗରେ ପଚାରିବାରୁ ସେ କହିଲା ଯେ ମୁଁ ତାକୁ ହତ୍ୟା କରିନାହିଁ । ଯଦିଓ ଏହା ମୋର ମନସ୍କାମନା ଥିଲା ଯେ ମୁଁ ତାକୁ ହତ୍ୟା କରେ କିନ୍ତୁ ମୁଁ କରିପାରିନଥିଲି । ପୁଣି ସେହି ଲୋକଟି ତାଙ୍କୁ ପଚାରିଲା ଯେ ତାହେଲେ ତୁମ ପାଖକୁ ଏହି ବସ୍ତ୍ରଟି କାହୁଁ ଆସିଲା ? ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ କହିଲେ ଯେ ଦେଖ ମୁଁ ତୁମର ଏହି ପ୍ରଶ୍ନର ଉତର ପୂର୍ବରୁ ଦେଇସାରିଛି ଯେ ମୁଁ ଏହାକୁ ମାଲେ ଗନିମତରେ ପାଇଛି । ସେହି କବିଲାର ଲୋକଟି ଆସି ତା ସାଙ୍ଗମାନଙ୍କୁ ସବୁକଥା ବିସ୍ତାର ଭାବରେ କହିଲା । ସେମାନେ ସମସ୍ତେ ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅଙ୍କ ନିକଟରେ ଯାଇ ଏକାଠି ହେଲେ ଓ ତାଙ୍କୁ ଘେରିଗଲେ । ସେମାନେ ସମସ୍ତେ କହିଲେ ତୁମେ ହେଉଛ ହୁତମର ହତ୍ୟାକାରୀ । ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ କହିଲେ ତୁମେମାନେ ମିଛ କହୁଅଛ । ମୁଁ ତାକୁ ହତ୍ୟା କରିନାହିଁ । ହଁ ମୋତେ ଏହି ବସ୍ତ୍ରଟି ମାଲେ ଗନିମତ୍ ରେ ମିଳିଛି । ପୁଣି ସେମାନେ କହିଲେ ଯେ ଏହି ଭାଗ/ଅଂଶ କେବଳ ହତ୍ୟାକାରୀକୁ ହିଁ ମିଳିଥାଏ । ହଜରତ୍ ସୁମାମାଃ ବିନ୍ ଉସାଲ୍ ର ଅ କହିଲେ ଯେ ସେହି ବସ୍ତ୍ରଟି ତା ଶରୀରରେ ନଥିଲା ବରଂ ତା ବାହାନ ବା ତା ସାମାନ ଭିତରୁ ମିଳିଛି । କିନ୍ତ ସେହି ଲୋକମାନେ କହିଲେ ଯେ ତୁମେ ମିଛ କହୁଛ । ପୁଣି ତାଙ୍କୁ ସେମାନେ ଶହୀଦ୍ କରିଦେଲେ । **(ତାରିଖେ ତିବରୀ , ଖ-୦୨.ପୃ-୨୮୯-୨୯୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ଦଶମ ଅଭିଯାନ ବିଷୟରେ ଉଲ୍ଲେଖ ରହିଛି ଯେ, ତାହା ହଜରତ୍ ସୁୱେଦ୍ ବିନ୍ ମୁକରରିନ୍ ର ଅଙ୍କ ଜରିଆରେ ବିଦ୍ରୋହୀମାନଙ୍କ ବିପକ୍ଷରେ କରାଯାଇଥିଲା । ହଜରତ୍ ଅବୁ ବକର୍ ର ଅ ଗୋଟିଏ ଧ୍ୱଜାକୁ ହଜରତ୍ ସୁୱେଦ୍ ବିନ୍ ମୁକରରିନ୍ ର ଅଙ୍କୁ ପ୍ରଦାନ କରି ଏ ଆଦେଶ ଦେଲେ ଯେ ସେ ୟମନ ରାଜ୍ୟରେ ଥିବା ତିହାମା ଇଲାକାକୁ ଯାଆନ୍ତୁ । **(ତାରିଖେ ତିବରୀ , ଖ-୦୨.ପୃ-୨୫୭ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ଲୁଗାତ୍ (ଅଭିଧାନ)ରେ ତିହାମାଃର ଅର୍ଥ ହେଉଛି ଭିଷଣ ଗରମ ଏବଂ ପବନ ବନ୍ଦ ହୋଇଯିବାକୁ ବି କୁହାଯାଏ । ସେହିପରି ଲୁଗାତ୍(ଡ଼ିକ୍ସିନାରୀ)ରେ ସେହି ଶବ୍ଦର ଆଉ ଗୋଟିଏ ଅର୍ଥ ହେଉଛି ଢ଼ଲାଣ (Down) **।(ଲିସାନୁଲ୍ ଅରବ୍ ଜେରେ ମାଦାଃ :ତହମ୍)**

ୟମନର ପଶ୍ଚିମ ଏବଂ ଦକ୍ଷିଣରେ କୁଲଜମ୍ ଗଲଫ୍ ଉପକୂଳରେ ତିହାମାଃ ନାମକ ଗୋଟିଏ ନିମ୍ନ ଭୂମି ରହିଛି । ସେହି ଭୂଖଣ୍ଡଟି ବହୁତ ତଳିଆ ଅଂଚଳ । କିନ୍ତୁ ଅନେକ ଧାଡ଼ି ଧାଡ଼ି ପାହାଡ଼ ସେଠାରେ ଦେଖିବାକୁ ମିଳିଥାଏ । ତିହାମାଃର ଉତର ସୀମାଟି ମକ୍କା ନିକଟରେ ଯାଇ ପହଂଚୁଥିଲା ଏବଂ ଦକ୍ଷିଣ ସୀମାଟି ୟମନର ରାଜଧାନୀ ସନାଆଠାରୁ ସାଢ଼େ ତିନି ଶହ ମାଇଲ୍ ଦୂରରେ ଶେଷ ହେଉଥିଲା ।

ତିହାମାଃ ୟମନର ଗୋଟିଏ ଜିଲ୍ଲା ଥିଲା । ସେହି ଜିଲ୍ଲାରେ ଅନେକ ଗ୍ରାମ ଓ ସହାରାଂଚଳ ଥିଲା । **(ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ , ପୃ-୪୦-୪୧ ,ଇଦାରାଃ ଇସଲାମିୟାତ୍ ଲାହୋର୍) ଏହା ଥିଲା ତିହାମାଃର ସଂକ୍ଷିପ୍ତ ପରିଚୟ ।**

ହଜରତ୍ ସୁୱେଦ୍ ବିନ୍ ମୁକରରିନ୍ ର ଅ ଙ୍କ ପରିଚୟ ହେଉଛି ଏହା କି ହଜରତ୍ ସୁୱେଦ୍ ଙ୍କ ବାପାଙ୍କ ନାମ ମୁକରରିନ୍ ବିନ୍ ଆଇଜ୍ ଥିଲା । ସେ ମୁଜୈନ୍ କବିଲାର ଥିଲେ । ତାଙ୍କର କୁନିୟତ୍ (ଉପନାମ)ଥିଲା ଆବୁ ଅଦି । ଆଉ ଏକ ଉପନାମ ଥିଲା ଅବୁ ଅମରୋ । ସେ ପାଂଚ ହିଜରୀରେ ଇସଲାମ ଗ୍ରହଣ କରିଥିଲେ । ସେ ଖନ୍ଦକ ଯୁଦ୍ଧରେ ଆଁହଜରତ୍ ସ ଆ ସଙ୍କ ସହିତ ସାମିଲ୍ ହୋଇଥିଲେ । ପୁଣି ତାପରେ ସେ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜରତ୍ ସ ଆ ସଙ୍କ ସହିତ ସାମିଲ୍ ହୋଇଥିଲେ । ସେ ହଜରତ୍ ନୁମାନ୍ ବିନ୍ ମୁକରରିନ୍ ର ଅ ଙ୍କ ଭାଇ ଥିଲେ । ତାଙ୍କ ଭାଇ ଇରାନ ବିଜୟରେ ବିଶେଷ ଭୂମିକା ନିର୍ବାହ କରିଥିଲେ । **(ଉସଦୁଲ୍ ଗାବାଃ , ଖ-୦୨ ,ପୃ-୬୦୦ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୮)(ତବକାତୁଲ୍ କୁବରା ଖ-୦୬ ପୃ-୯୭ ,ଖ-୦୧ ପୃ-୨୨୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୯୯୦)**

ଐତିହାସିକ ପୁସ୍ତକଗୁଡ଼ିକରେ ହଜରତ୍ ସୁୱେଦ୍ ବିନ୍ ମୁକରରିନ୍ ର ଅ ଙ୍କ ତିହାମାଃ ଯିବା ତଥା ସେଠାରେ ଥିବା ତାଙ୍କ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ସବିଶେଷ ବିବରଣୀ ମିଳିନଥାଏ , କିନ୍ତୁ ଇତିହାସରେ ତିହାମାବାସୀଙ୍କ ବିଦ୍ରୋହର ପରିସ୍ଥିତି ଏବଂ ଘଟଣାକୁ ଏପରି ବର୍ଣ୍ଣନା କରାଯାଇଛି ଯେ ନବି କରିମ୍ ସ ଆ ସ ଦଶ ହିଜରୀରେ ହୁଜ୍ଜତୁଲ୍ ୱିଦାଆ ଘଟଣା ପରେ ୟମନରେ ଜକାତ ଆଦାୟକାରୀମାନଙ୍କୁ ନିଯୁକ୍ତ କରିଥିଲେ । ପୁଣି ଆପଣ ସ ଆ ସ ଏହି କାମକୁ ସମ୍ପାଦନ କରାଇବା ପାଇଁ ୟମନକୁ ସାତ ଭାଗରେ ବିଭକ୍ତ କରିଥିଲେ । ତିହାମାଃ ଉପରେ ତାହିର୍ ବିନ୍ ଅବୁ ହାଲାଃ ଙ୍କୁ ଆମିଲ୍ (ଅଧ୍ୟକ୍ଷ)ଭାବରେ ନିଯୁକ୍ତି ଦେଇଥିଲେ ।

ତିହାମାଃରେ ନିମ୍ନ ବର୍ଗର ଆରବୀୟମାନଙ୍କ ବ୍ୟତୀତ ଦୁଇଟି ବଡ଼ ବଡ଼ ଏବଂ ବିଶିଷ୍ଟ କବିଲା (ଜନଜାତି) ରହୁଥିଲେ । ଗୋଟିଏ ଜନଜାତିର ନାମ ଥିଲା ଅଏଗ୍ ଏବଂ ଅନ୍ୟଟିର ନାମ ଥିଲା ଅଶଅର୍ । **(ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ , ପୃ-୪୧ ,ଇଦାରାଃ ଇସଲାମିୟାତ୍ ଲାହୋର୍)**

ତାରିଖେ ତିବରୀରେ ଏହା ଉଲ୍ଲେଖ ରହିଛି ଯେ ସର୍ବପ୍ରଥମେ ହଜରତ୍ ଅତ୍‌ତାବ୍ ବିନ୍ ଉସୈଦ୍ ର ଅ ଏବଂ ହଜରତ୍ ଉସମାନ୍ ବିନ୍ ଅବୁଲ୍ ଆସ୍ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କୁ ଲେଖିଲେ ଯେ ଆମ ଇଲାକାରେ ମୁରତଦ୍ଦୀନ୍ (ବିଦ୍ରୋହୀ)ମାନେ ମୁସଲମାନ୍ ମାନଙ୍କ ଉପରେ ଆକ୍ରମଣ କରିଦେଇଛନ୍ତି ।

ମୁରତଦ୍ଦୀନ୍ (ଧର୍ମପରିତ୍ୟାଗ କରି ବିଦ୍ରୋହ କରିଥିବା ଲୋକ) ମାନେ କେବଳ ମୁରତଦ୍ଦୀନ୍ ନଥିଲେ ବରଂ ଯେମିତିକି ପୂର୍ବରୁ ବର୍ଣ୍ଣନା ହୋଇସାରିଛି ଯେ ସେହି ମୁରତଦ୍ଦୀନ୍ ମାନେ ମୁସଲମ୍ାନ୍ ମାନଙ୍କ ଉପରେ ଆକ୍ରମଣ ବି କରୁଥିଲେ । ଏଠାରେ ବି ସେହି ପରି ଘଟିଥିଲା । ତେଣୁ ହଜରତ୍ ଅତତାବ୍ ର ଅ ନିଜ ଭାଇ ହଜରତ୍ ଖାଲିଦ୍ ବିନ୍ ଉସୈଦ୍ ର ଅଙ୍କୁ ତିହାମାଃର ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ପ୍ରେରଣ କଲେ । ସେଠାରେ ବନୁ ମୁଦଲିଜ୍ ର ଗୋଟିଏ ବଡ଼ ଗୋଷ୍ଠୀ ,ଖୁଜାଆ ତଥା କିନାନାଃର ଭିନ୍ନ ଭିନ୍ନ ଗୋଷ୍ଠୀର ଲୋକେ ,ଯେମିତି ବନୁ ମୁଦଲିଜ୍ ର ବଂଶ ବନୁ ଶନୁକ୍ ରୁ ଜୁନଦୁବ୍ ବିନ୍ ସୁଲମା ଙ୍କ ନେତୃତ୍ୱରେ ମୁରତଦ୍ (ଧର୍ମପରିତ୍ୟାଗ କରି) ମୁସଲମାନ୍ ମାନଙ୍କ ସହିତ ଲଢିବା ପାଇଁ ଉପସ୍ଥିତ ଥିଲେ । ଦୁଇ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ଯୁଦ୍ଧ ଅନୁଷ୍ଠିତ ହେଲା । ହଜରତ୍ ଖାଲିଦ୍ ବିନ୍ ଉସୈଦ୍ ର ଅ ସେମାନଙ୍କୁ ପରାସ୍ତ କରି ଛିନ୍ନଛତ୍ର କରିଦେଲେ ଏବଂ ବହୁତ ଲୋକଙ୍କୁ ହତ୍ୟା କରିଥିଲେ । ଏଥିରେ ବନୁ ଶନୁକର ସଦ୍ୟସମାନେ ସବୁଠାରୁ ଅଧିକା ନିହତ ହୋଇଥିଲେ । ଏହି ଯୁଦ୍ଧ ପରେ ସେମାନଙ୍କ ସଂଖ୍ୟା ବହୁତ କମ ହୋଇଗଲା । ଏହି ଘଟଣା ପରେ ହଜରତ୍ ଅତାବ୍ ର ଅ ଙ୍କ ଇଲାକା ବିଦ୍ରୋହୀମାନଙ୍କ କବଳରୁ ରକ୍ଷା ପାଇଲା । ପୁଣି ସେମାନେ ଜୁନଦୁବ୍ ପଳାଇଲେ । କିଛି ଦିନ୍ ଅନ୍ତେ ସେମାନେ ପୂନର୍ବାର ଇସଲାମ୍ ଗ୍ରହଣ କରିନେଲେ । **(ତାରିଖେ ତିବରୀ ଖ-୦୨.ପୃ-୨୯୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)(ଅଲକାମିଲ୍ ଫିତ୍ ତାରିଖ୍ ,ଖ-୦୨, ପୃ-୨୩୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍)**

ଗୋଟିଏ ରିୱାୟତରେ ଆସିଛି ଯେ ନବି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 29Sep-06 Oct 2022 Issue No. 39-40

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.12/-) (**WEIGHT** - 20-50gms/issue)

କରିମ୍ ସ ଆ ସ ଙ୍କ ଦେହାନ୍ତ ପରେ ତିହାମାଃଠାରେ ଅକ୍ ଏବଂ ଅଶଅର୍ କବିଲା ସବୁଠାରୁ ଅଧିକା ବିଦ୍ରୋହ କରିଥିଲେ । ତାହାର ସବିଶେଷ ବିବରଣୀ ହେଉଛି ଏପରି କି ଯେବେ ସେମାନଙ୍କୁ ନବି କରିମ୍ ସ ଆ ସଙ୍କ ଦେହାନ୍ତ ହୋଇଯିବାର ଖବର ମିଳିଲା ,ସେମାନଙ୍କ ମଧ୍ୟରୁ ବିଭିନ୍ନ ଲୋକ ଏକତ୍ରିତ ହେଲେ ,ପୁଣି ଖଜମ୍ କାବିଲାର ଲୋକମାନେ ବି ସେମାନଙ୍କ ସହିତ ସାମିଲ୍ ହୋଇଗଲେ । ସେମାନେ ସମୁଦ୍ରର ଉପକୂଳବର୍ତୀ ଇଲାକାରେ ଥିବା ଆଲାବ୍ ନାମକ ସ୍ଥାନରେ ନିଜର ଛାଉଣି ଲଗାଇଲେ । ସେମାନଙ୍କ ସହିତ ଏମିତି କିଛି ସିପାହୀ ମଧ୍ୟ ଆସି ମିଶିଥିଲେ ଯେଉଁମାନଙ୍କତ କୌଣସି ସର୍ଦ୍ଦାର ନଥିଲେ । ଆଲାବ୍ ହେଉଛି ମକ୍କାର ଉପକୂଳବର୍ତୀ ମଧ୍ୟରେ ଥିବା ଅକ୍ କବିଲାର ଇଲାକା । ହଜରତ୍ ତାହେର୍ ବିନ୍ ଅବୁ ହାଲାଃ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କୁ ଏହାର ସୂଚନା ଦେଲେ ଏବଂ ସେ ନିଜେ ସେମାନଙ୍କୁ ଦମନ କରିବା ପାଇଁ ଚାଲିଗଲେ । ନିଜର ଏହି ଅଭିଯାନ ବିଷୟରେ ସେ ହଜରତ୍ ଅବୁ ବକର୍ ର ଅଙ୍କୁ ଲିଖିତ ଆକାରରେ ଅବଗତ ବି କରିଥିଲେ । ହଜରତ୍ ତାହେର୍ ର ଅଙ୍କ ସହିତ ମସରୁକ୍ ଅକି ଏବଂ ଆକ୍ କବିଲାର ତାଙ୍କ କୌମର ସେହି ଲୋକମାନେ ଥିଲେ ଯେଉଁମାନେ ମୁରତଦ୍ ହୋଇନଥିଲେ (ଅର୍ଥାତ୍ ଧର୍ମପରିତ୍ୟାଗ କରି ବିଦ୍ରୋହ କରିନଥିଲେ) । ସେମାନେ ଯାଇ ଆଲାବଠାରେ ସେହି ଲୋକମାନଙ୍କ ସହିତ ଭେଟିଲେ । ସେଠାରେ ସେମାନଙ୍କ ସହିତ ଭିଷଣ ଯୁଦ୍ଧ ହେଲା । ଅଲ୍ଲାଃତାଲା ଶତ୍ରୁମାନଙ୍କୁ ପରାଜିତ କଲେ । ମୁସଲମାନମାନେ ସେହି ଯୁଦ୍ଧରେ ସେମାନଙ୍କୁ ବିନା ଦ୍ୱିଧାରେ ବଧ କଲେ । ଚାରିଆଡ଼େ ସେମାନଙ୍କ ମଧ୍ୟରୁ ନିହତ ହୋଇଥିବା ଲୋକମାନଙ୍କ ଦୁର୍ଗନ୍ଧ/ଖବର ବ୍ୟାପିଗଲା । ମୁସଲମାନମାନଙ୍କୁ ଏକ ଗୌରବମୟ ବିଜୟ ପ୍ରପ୍ତ ହେଲା ।

ତିହାମାଃରେ ହୋଇଥିବା ବିଦ୍ରୋହ ବିଷୟରେ ଜଣେ ଲେଖକ ଲେଖିଛନ୍ତି ଯେ ତିହାମାଃର ବିଦ୍ରୋହକୁ ଦମନ କରିବା ପ୍ରସଙ୍ଗରେ ସର୍ବାଗ୍ରରେ ତାହିର୍ ବିନ୍ ଅବି ହାଲାଃ ଥିଲେ,ଯିଏ ରସୁଲୁଲ୍ଲାଃ ସ ଆ ସଙ୍କ ତରଫରୁ ତିହାମାଃ ନିମନ୍ତେ ନିଯୁକ୍ତ ହୋଇଥିଲେ ଓ ତାହା ଆକ୍ ଏବଂ ଅଶ୍ଅର୍ କବିଲାର ମାତୃଭୂମି ଥିଲା । ପୁଣି ହଜରତ୍ ଅବୁ ବକର୍ ର ଅ ଉକାଶାଃ ବିନ୍ ସୌର୍ ଙ୍କୁ ଆଦେଶ ଦେଲେ ଯେ ସେ ତିହାମାଃରେ ରହନ୍ତୁ ଏବଂ ସେଠିକାର ଅଧିବାସୀମାନଙ୍କୁ ନିଜ ନିକଟରେ ଏକାଠି କରିବାକୁ ତଥା ହଜରତ୍ ଅବୁ ବକର୍ ର ଅ ଙ୍କ ଆଦେଶକୁ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଲେ । ହଜରତ୍ ଉକାଶାଃ ନବି କରିମ ସ ଆ ସ ଙ୍କ ଦେହାନ୍ତ ସମୟରେ ହଜରେ ମୌତ୍ ର ଦୁଇଟି ଅଂଚଳ ସକାସିକ୍ ଏବଂ ସକୁନ୍ ଉପରେ ଆମିଲ୍ ଭାବରେ ନିୟୋଜିତ ହୋଇଥିଲେ ଏବଂ ବଜିଲା କବିଲା ନିକଟକୁ ହଜରତ୍ ଅବୁ ବକର୍ ଅ ଅ ଜରିର୍ ବିନ୍ ଅବ୍ଦୁଲ୍ଲାଃ ବଜଲୀ ର ଅ ଙ୍କୁ ପଠାଇ ତାଙ୍କୁ ଏ ଆଦେଶ ଦେଲେ ଯେ ସେ ନିଜ କୌମର ଦୃଢ ବିଶ୍ୱାସ ରଖିଥିବା ମୁସଲମାନ୍ ମାନଙ୍କୁ ସାଙ୍ଗରେ ଧରି ଇସଲାମରୁ ଫେରିଯାଇଥିବା ବିଦ୍ରୋହୀ ଲୋକମାନଙ୍କ ସହିତ ଯୁଦ୍ଧ କରନ୍ତୁ । ତା ପରେ ପୁଣି ଖସଅମ୍ କବିଲା ନିକଟରେ ପହଂଚି ସେଠିକାର ମୁରତଦ୍ଦୀନ୍ (ବିଦ୍ରୋହୀ)ମାନଙ୍କ ସହିତ ଯୁଦ୍ଧ କରନ୍ତୁ । ଜରିର୍ ନିଜ ଅଭିଯାନରେ ବାହାରି ପଡ଼ିଲେ ସିଦ୍ଦିକ୍ ଅକବର୍ ର ଅ ତାଙ୍କୁ ଯେଉଁ ଆଦେଶ ଦେଇଥିଲେ ସେ ତାହାକୁ କାର୍ଯ୍ୟକାରୀ କଲେ । କିଛି ଲୋକଙ୍କ ବ୍ୟତୀତ ତାଙ୍କ ସହିତ ମୁକାବିଲା (ଯୁଦ୍ଧ)କରିବା ପାଇଁ କେହି ଆସିଲେ ନାହିଁ । ଜରିର୍ ବିନ୍ ଅବ୍ଦୁଲ୍ଲାଃ ବଜଲୀ ର ଅ ସେମାନଙ୍କୁ ହତ୍ୟା କରିଦେଲେ ଏବଂ ସେମାନଙ୍କୁ ବିସର୍ଜନ କରିଦେଲେ । **(ତାରିଖେ ତିବରୀ ଖ-୦୨.ପୃ-୨୯୪-୨୯୫ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)(ଅଲକାମିଲ୍ ଫିତ୍ ତାରିଖ୍ ଖ-୦୨ ପୃ-୨୩୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍)(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ଅଜ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୦୩ ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ଼ ପାକିସ୍ତାନ୍ )(ମୁଅଜମୁଲ୍ ବୁଲଦାନ୍ ,ଖ-୦୧ ପୃ-୨୬୩)**

ଏବେ ଏହି ସବୁ ଅଭିଯାନ ସମ୍ବନ୍ଧରେ ବର୍ଣ୍ଣନା ଚାଲିଛି ଆସନ୍ତାକୁ ଇନଶାଅଲ୍ଲାଃ ଏକାଦଶ ଅଭିଯାନ ସମ୍ବନ୍ଧରେ ବର୍ଣ୍ଣନା କରାଯିବ ।

ବର୍ତମାନ ମୁଁ କିଛି ମରହୁମୀନ୍ (ମୃତକ)ମାନଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଚାହିଁବି । ସେମାନଙ୍କ ମଧ୍ୟରୁ ଦୁଇଜଣ ବୁର୍କିନାଫାସୋ ଦେଶର ଆମ ନବଯୁବକ ଅଛନ୍ତି । ୧୧ ଜୁନ ଦିନ୍ ସଂନ୍ଧ୍ୟା ବେଳେ ସେହି ଦୁଇଜଣ ନିଜ ଇଲାକା, ଡ଼ୋରି ରିଜନ୍ ଇଲାକାରେ ଗୋଟିଏ ଗାଁରେ ଥିଲେ । ସେହି ଗାଁରେ ଆତଙ୍କବାଦୀମାନେ ଆକ୍ରମଣ କରିଦେଲେ । ଫଳତଃ ଅନେକ ଲୋକଙ୍କର ମୃତ୍ୟୁ ଘଟିଲା । ସେହି ମୃତ ଲୋକମାନଙ୍କ ମଧ୍ୟରେ ଆମର ଏହି ଦୁଇଜଣ ଅହେମଦୀ ଖାଦିମ୍ ବି ଶହୀଦ୍ ହେଲେ । ଏମାନେ ନିଜ ଦୋକାନରେ କାମ କରୁଥିଲେ । ଫାଇରିଙ୍ଗ୍ ହେଲା (ଗୁଳି ଚାଲିଲା)। ସେମାନେ ଘଟଣା ସ୍ଥଳରେ ହିଁ ଶହୀଦ ହୋଇଗଲେ । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ସେହି ଦୁଇଜଣକ ମଧ୍ୟରୁ ଜଣକର ନାମ ହେଉଛି ଡ଼ିକୁ ଜକରିୟା (Dicku Zakariya)। ତାଙ୍କର ବୟସ ଥିଲା କେବଳ ୩୨ । ଡ଼ୋରି ରିଜନ୍ ଇଲାକାରେ ସେ କାଏଦ୍ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ଭାବରେ ଖିଦମତ୍ (ସେବା କାର୍ଯ୍ୟ)ସମ୍ପାଦନ କରିବାର ସୁଯୋଗ ପାଇଛନ୍ତି । ସେ ମଦରସତୁଲ୍ ହିଫଜ୍ ଘାନାରେ ପବିତ୍ର କୁରଆନ୍ କଣ୍ଠସ୍ଥ /ମୁଖସ୍ଥ କରିବା ପାଇଁ ମଧ୍ୟ ଯାଇଥିଲେ । କିଛି ଦିନ ହିଫଜ୍ (ପବିତ୍ର କୁରଆନ୍ ମୁଖସ୍ଥ) କଲେ । ପୁଣି ଘରକି ଚାଲି ଆସିଲେ । ସେ ପ୍ରତ୍ୟେକ ପ୍ରକାରର ଜମାତି କର୍ଯ୍ୟ ସମ୍ପାଦନ କରିବା ପାଇଁ ତତ୍ପର ରହୁଥିଲେ । ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରୁଥିଲେ । ସେ ଦିନରେ ପାଂଚ ବେଳା ନମାଜ ନିୟମିତ ପାଠ କରୁଥିଲେ । ନିୟମିତ ତହଜ୍ଜୁଦ୍ ନମାଜ ତଥା ନିୟମିତ ନଫିଲ୍ ନମାଜ୍ ପାଠ କରନ୍ତି । ସେ ନିୟମିତ ଚାନ୍ଦା ପଇଠ କରୁଥିଲେ । ମାସିକ ଆୟ ବ୍ୟତୀତ ଯଦି କିଛି ଆୟ ହେଉଥିଲା ,ସେ ସେଥିରୁ ବି ତୁରନ୍ତ ପଇଠ କରିଦେଉଥିଲେ । ଜମାତ ତଥା ଖିଲାଫତ୍ ସହିତ ତାଙ୍କର ପ୍ରକୃତ ପ୍ରେମ (ନିଷ୍ଠା ଓ ଭକ୍ତିଭାବ) ଥିଲା । ସେ ଖୁତବା ଜୁମା ନିୟମିତ ଭାବରେ ଶୁଣୁଥିଲେ । ସେହିପରି ଏମ୍ ଟି ଏ ରେ ପ୍ରସାରଣ ହେଉଥିବା ଅନ୍ୟ ପ୍ରୋଗ୍ରାମ ଗୁଡ଼ିକୁ ବି ବହୁତ ଆଗ୍ରହର ସହିତ ଦେଖନ୍ତି । ସେଠିକାର ଲୋକଲ୍ (ସ୍ଥାନୀୟ)ମିଶନାରୀ କହିଛନ୍ତି ଯେ ତାଙ୍କ ସହିତ ଶେଷ ସାକ୍ଷାତ ସମୟରେ ସେ କହିଥିଲେ ଯେ ଖଲିଫାଙ୍କ ସହିତ ସାକ୍ଷାତ କରିବା ପାଇଁ କେବେ ସୁଯୋଗ ମିଳିବ ? ଯୁଗ ଖଲିଫାଙ୍କ ସହିତ ଭେଟ କରିବା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା । ସେହି ମୁଅଲ୍ଲିମ୍ ସାହେବ୍ ଉଲ୍ଲେଖ କରିଛନ୍ତି ଯେ ସେ ଜଣେ ଆଦର୍ଶ ସେବକ ଥିଲେ । ତାଙ୍କ ଅନ୍ତେ ତାଙ୍କର ପତ୍ନୀ ,ଦୁଇଜଣ ଝିଅ ଏବଂ ଜଣେ ପୁଅ ଅଛନ୍ତି ।

ଅନ୍ୟ ଶହୀଦ ଜଣକ ହେଉଛନ୍ତି ଡ଼ିକୁ ମୁସା (Dicku Mussa) ସାହେବ୍ । ତାଙ୍କର ବୟସ ବି ମାତ୍ର ୩୪ ବର୍ଷ ହୋଇଥିଲା । ସେ ସାଇତାଙ୍ଗା ମଜଲିସର କାଏଦ୍ ମଜଲିସ୍ ଥିଲେ । ସେ ତାଙ୍କ ଜମାଅତର ପ୍ରତ୍ୟେକ କାର୍ଯ୍ୟରେ ବଢି ଚଢିକି ଅଂଶଗ୍ରହଣ କରୁଥିଲେ । ଅନ୍ୟମାନଙ୍କୁ ସାମିଲ୍ କରାଉଥିଲେ । ନମଜ ତଥା ଚାନ୍ଦାରେ ନିୟମିତ ଥିଲେ । ତାଙ୍କ ଜମାଅତରେ ମସଜିଦ୍ ନଥିଲା । ସେ ସ୍ଥାନୀୟ ଭାବରେ ଚେଷ୍ଟା କରୁଥିଲେ ଯେ ଗୋଟିଏ ଶେଡ୍ ତିଆରି କରି ସେଥିରେ ନମାଜ୍ ପାଠ କରିବେ । ସେ ମତେ ନିୟମିତ ଚିଠି ଲେଖୁଥିଲେ । କ୍ୟାପିଟାଲରୁ ଯଦି କିଏ ଦୌରାଃ (ଜମାତି ଗସ୍ତ)ରେ ଯାଉଥିଲେ ,ତାଙ୍କର ଅତିଥି ସତ୍କାର କରୁଥିଲେ । ନିଜେ ସାଥିରେ ରହୁଥିଲେ । କାମ କରାଉଥିଲେ । ଦୌରାଃରେ ସାମିଲ ରହୁଥିଲେ । ତାଙ୍କର ଦୁଇଜଣ ପତ୍ନୀ ଓ ତିନିଜଣ ଝିଅ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ସହିତ ଦୟା ଏବଂ କ୍ଷମା ଆଚରଣ କରନ୍ତୁ । ତାଙ୍କର ପଦମର୍ଯ୍ୟାଦା ବଢାଇଚାଲନ୍ତୁ ।

ଶହୀଦ୍ ହୋଇଥିବା ଏହି ଦୁଇଜଣ ଖାଦିମଙ୍କ ସମ୍ବନ୍ଧରେ ସେଠିକାର ଅମୀର୍ ସାହେବ୍ ଲେଖିଛନ୍ତି:ଏହି ଦୁଇଜଣ ଖାଦିମ୍ ଆମ ଲୋକାଲ୍ ମିଶନାରୀ ଡ଼ିକୁ ଅମାଦୁ ବୋରିମା (Dicku Amadou Bourema)ସାହେବ୍ ଙ୍କ ଭାଇ ଥିଲେ , ଯିଏ ଏବେ ରେଡ଼ିଓ ଅହେମଦୀୟା ଡ଼ୋରିର ଇନଚାର୍ଜ ଅଛନ୍ତି । ତାଙ୍କ ପରିବାରରେ ଅହେମଦୀୟତ୍ ତାଙ୍କ ବାପା ଇବ୍ରାହୀମ୍ ବୋନତି (Bonti)ସାହେବଙ୍କ ଜରିଆରେ ଆସିଥିଲା । ସେ ଅତି ନିଷ୍ଠାବାନ୍ ଏବଂ ଜୋଶିଲା ଦାଇ ଇଲଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ଆଡ଼କୁ ଲୋକମାନଙ୍କୁ ଡ଼ାକୁଥିବା ବ୍ୟକ୍ତି)ଥିଲେ । ସେ ଡ଼ୋରି ରିଜନର ଜଇମ ଅନସାରୁଲ୍ଲାଃ ମଧ୍ୟ ରହିଥିଲେ । ୨୦୧୧ ମସିହାରେ ତାଙ୍କର ଦେହାନ୍ତ ହୋଇଯାଇଛି । ପୁଣି ଅମୀର ସାହେବ୍ ଦୁଆ କରିବା ପାଇଁ ଲେଖିଛନ୍ତି ଯେ ବୁର୍କିନା ଫାସୋରେ ୨୦୧୫ ମସିହାରୁ ଆତଙ୍କବାଦୀ ଆକ୍ରମଣ ହୋଇଆସୁଅଛି ଏବଂ ଦେଶର ଉତରାଂଚଳରେ ବହୁତ କ୍ଷୟକ୍ଷତି ହେଉଅଛି । ଦୁଇ ମିଲିୟନରୁ ଅଧିକା ଲୋକେ ବିସ୍ଥାପିତ ହୋଇସାରିଲେଣି । ଅଲ୍ଲାଃତାଲା ସେମାନଙ୍କ ପାଇଁ ବି ଶାନ୍ତିର ବାତାବରଣ ସୃଷ୍ଟି କରନ୍ତୁ ଏବଂ ଏ ବିଶ୍ୱରେ ଯେଉଁଭଳି ଆର୍ଥିକ ତଥା ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଚାଲିଛି ,ଏତତଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ଆଗକୁ ବଢିବାର ସମ୍ଭାବନା ଦେଖାଦେଲାଣି ଏବଂ ଏହା ବଢି ବଢି ଚାଲିଛି । ଅଲ୍ଲାଃତାଲା ଏ ମାନବ ସମାଜ ପ୍ରତି ଦୟା କରନ୍ତୁ ଓ ଏମାନଙ୍କୁ ଜ୍ଞାନ ପ୍ରଦାନ କରନ୍ତୁ ।

ଆଉ ଜଣେ ମରହୁମ୍ (ସ୍ୱର୍ଗତ)ହେଉଛନ୍ତ ମୁହମ୍ମଦ୍ ୟୁସୁଫ୍ ସାହେବ୍ ବେଲୁଚ୍ ସୁପୁତ୍ର ନୁରଙ୍ଗ ଖାନ୍ ସାହେବ୍ ,ବସ୍ତି ସାଦିକ୍ ପୁର ଜିଲ୍ଲା ଉମରକୋଟ୍ ସିନ୍ଧ୍ ନିବାସୀ । ବିଗତ କିଛି ଦିନ ପୂର୍ବେ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ସେ ଡ଼େରା ଗାଜି ଖାନ୍ ବେଲୁଚ୍ ନିବାସୀ ଥିଲେ । ସେଠାରେ ସେ ଜନ୍ମ ହୋଇଥିଲେ । ୧୯୩୪ ମସିହାରେ ହଜରତ୍ ମୌଲାନା ଗୁଲାମ ରସୁଲ୍ ସାହେବ୍ ରାଜିକୀ ସାହେବ୍ ର ଅ ଙ୍କ ଜରିଆରେ ତାଙ୍କ ଇଲାକାରେ ଏବଂ ତଙ୍କ ପରିବାରରେ ଅହେମଦୀୟତ୍ ଆସିଥିଲା । ପାକିସ୍ତାନ ପ୍ରତିଷ୍ଠା ହେବା ପରେ ସେ ହିଜରତ୍ କରି

*ଅବଶିଷ୍ଟାଂଶ ପୃଷ୍ଠା-୦୮ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan